## ସଂକ୍ଷେପରେ

### ବନ ବିଭାଗର ଚଢ଼ାଉ: ୧୨୩ ସିଏଫ୍‌ଟି ଶାଳକାଠ ଜବତ

**ଧାମନଗର,୧୫।୩(ଡି.ଏନ.ଏ.):**ଭଦ୍ରକ ଜିଲା ବନଖଣ୍ଡ ବିଭାଗ ପକ୍ଷରୁ ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୨୩ ସିଏଫ୍‌ଟି ଶାଳକାଠ ଜବତ କରାଯାଇଛି। ଶନିବାର ଧୂଷୁରୀ ବଜାର ଓ ଗଡ଼ିଆଳି ଗ୍ରାମରେ ବନ ବିଭାଗ ଚଢ଼ାଉ କରିଥିଲା। ଧୂଷୁରୀ ବଜାରରୁ ୧୯ ସିଏଫ୍‌ଟି, ଗୋପବିନ୍ଧାରୁ ୧୨, ଗଡ଼ିଆଳିର ଗୋଟିଏ ସ୍ଥାନରୁ ୪୦ ଏବଂ ଅନ୍ୟ ସ୍ଥାନରୁ ୫୨ ସିଏଫ୍‌ଟି ଶାଳକାଠ ଜବତ ହୋଇଥିଲା। ଜିଲା ବନଖଣ୍ଡ ସହକାରୀ ଅଧିକାରୀ ବିରାଜ ମୋହନ, ଭଣ୍ଡାରିପୋଖରୀ ଫରେଷ୍ଟର ପ୍ରକାଶ ଚନ୍ଦ୍ର ଦାସ, ଧାମନଗର ରେଞ୍ଜର କୁଶ ଚରଣ ସିଂ, ଲିପିକା ପ୍ରିୟଦର୍ଶିନୀ ଦାସ, ବିୟତ ପ୍ରଜ୍ଞା ନାୟକ, ସୁଲୋଚନା ବେହେରା, ରାଜକିଶୋର ନାୟକ ଓ ରାମଚନ୍ଦ୍ର ସିଂ ଚଢ଼ାଉରେ ସାମିଲ ଥିଲେ।

### ହନୁମାନ ହାଟ ପଞ୍ଚୁଦୋଳ ମେଳଣ

**ଭଦ୍ରକ ଅଫିସ,୧୫।୩:** ଦୋଳ ପୂର୍ଣ୍ଣିମାର ୫ ଦିନ ପରେ ଭଦ୍ରକ ଚରମ୍ପା ବରାଳପୋଖରୀ ହନୁମାନ ହାଟରେ ପଞ୍ଚୁ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଶନିବାର ରାତିରୁ ମେଳଣ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୩୪ ବିମାନ ଏଥିରେ ଅଂଶଗ୍ରହଣ କରିଥିଲେ। ପରମ୍ପରା ଅନୁଯାୟୀ, ୧୯୭୯ରୁ ଅନୁଷ୍ଠିତ ହେଇଆସୁଥିବା ଏହି ପଞ୍ଚୁଦୋଳରେ ସ୍ଥାନୀୟ ଅଞ୍ଚଳର ରାଧାକୃଷ୍ଣ ଯୁଗଳ ମେଳଣ କମିଟି ପକ୍ଷରୁ ପୂର୍ବରୁ ଠାକୁରବାଡ଼ିଆଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରିଥାନ୍ତି। ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପରେ ମେଳଣ ଅନୁଷ୍ଠିତ ହୋଇଥାଏ। ତଦନୁଯାୟୀ ସଂକୀର୍ତ୍ତନ, ନାଚଗୀତ, ଆତସବାଜି ଓ ରୋଷଣି ସହ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସୁସଜ୍ଜିତ ବିମାନରେ ଭକ୍ତମାନେ ଗାଁ ପରିକ୍ରମା କରିବା ପରେ ହନୁମାନ ହାଟ ଦୋଳ ମଣ୍ଡପକୁ ଆଣିଥିଲେ। ଠାକୁରମାନେ ଅବିରରେ ହୋଲି ଖେଳି ସାରା ରାତି ହରିନାମ ସଂକୀର୍ତ୍ତନ, ଗୀତନାଚର ମାହୋଲ ମଧ୍ୟରେ ଉତ୍ସବମୁଖର ପରିବେଶରେ ଅବସ୍ଥାନ କରି ରବିବାର ସକାଳୁ ମେଲାଣି ନେଇଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ କୁନି ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଗଣ୍ଡଗୋଳରେ ୨ ଆହତ

**ଭଣ୍ଡାରିପୋଖରୀ,୧୫।୩ (ଡି.ଏନ.ଏ):** ଭଣ୍ଡାରିପୋଖରୀ ଥାନା ମଡିଆଳି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୨ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ଅନନ୍ତ ବାରିକଙ୍କ ନାତି ଶନିବାର ରାତିରେ ଗଣେଶ ବାରିକଙ୍କ ଘରକୁ ଯାଇ କାନ୍ଦୁଥିବାରୁ ଅନନ୍ତ ଗାଳିଗୁଲଜ କରିଥିଲେ। ଗଣେଶଙ୍କ ପରିବାର ଲୋକ ପ୍ରତିବାଦ କରିବାରୁ ଏହା ଗଣ୍ଡଗୋଳ ରୂପ ନେଇଥିଲା। ଉଭୟ ପରିବାର ପକ୍ଷରୁ ମାରଣାସ୍ତ୍ରରେ ଆକ୍ରମଣ ପ୍ରତି ଆକ୍ରମଣ କରାଯାଇଥିଲା। ଏଥିରେ ଉଭୟ ପକ୍ଷରୁ ଆହତ ଦୁଇଜଣ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଛନ୍ତି। ଗୋଟିଏ ପକ୍ଷରୁ ଅଦ୍ୱୈତଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୫୬/୨୦) ଏବଂ ଅନ୍ୟ ପକ୍ଷରୁ ମନୋରମାଙ୍କ ଅଭିଯୋଗକ୍ରମେ ମାମଲା(ନଂ.୫୭/୨୦) ରୁଜୁ ହୋଇଛି। ଥାନାଧିକାରୀ ସନାତନ ସାହୁ ତଦନ୍ତ କରୁଛନ୍ତି।

### ସଙ୍ଗୀତର ଯାଦୁରେ ଦର୍ଶକ ବିମୋହିତ

**ସୋର, ୧୫।୩(ଡି.ଏନ.ଏ.):**ସୋର ବ୍ଲକ କୁଡ଼େଇ ଗ୍ରାମରେ ଅନୁଷ୍ଠିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ପରେ ଗୋଟିଏ ଲୋକପ୍ରିୟ ଭଜନ ଗାନ କରି ସୁବାସ ଦାଶ ଭଜନ ସନ୍ଧ୍ୟାରେ ଉପସ୍ଥିତ ଦର୍ଶକଙ୍କୁ ଭେଟି ଦେଇଥିବା ବେଳେ ସୁଧାକର ମିଶ୍ର, ଶ୍ରୀ ଚରଣ ତଥା ଅଞ୍ଜଳି ମିଶ୍ରଙ୍କ ଭଳି ଓଡ଼ିଆ ସଙ୍ଗୀତ ଆକାଶର ଆଗଧାଡ଼ିର କଣ୍ଠଶିଳ୍ପୀଙ୍କର ଲୋକପ୍ରିୟ ଭଜନ ଉପସ୍ଥିତ ଶ୍ରୋତାମାନଙ୍କୁ ବିଳମ୍ବିତ ରାତି ଯାଏ ମନ୍ତ୍ରମୁଗ୍ଧ କରି ରଖିଥିଲା। ଗ୍ରାମବାସୀଙ୍କ ସମେତ ଅଜିତ ଦାଶମହାପାତ୍ର, ଜିତେନ୍ଦ୍ର ଦାଶ ମହାପାତ୍ର, ଲମ୍ବୋଦର ଦାଶମହାପାତ୍ର, ଭାସ୍କର ଦାସ, ପ୍ରଦୀପ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଗୃହିଣୀରୁ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ


ଶିଳ୍ପୋଦ୍ୟୋଗୀ ବୈଜୟନ୍ତୀ ରଣାଙ୍କ ସହ ସହଯୋଗୀମାନେ।

**ବିଭୁପ୍ରସାଦ ବେହେରା**
**ଭଦ୍ରକ ଅଫିସ,୧୫।୩**

ଘରର ଚାରିକାନ୍ଥ ମଧ୍ୟରେ ଆଉ ସୀମିତ ହୋଇ ରହିନାହାନ୍ତି ମହିଳା। ପ୍ରତ୍ୟେକ କ୍ଷେତ୍ରରେ ସେମାନେ ଆଗରେ। ପାଠ ଠାରୁ ଆରମ୍ଭ କରି କ୍ରୀଡ଼ା ସବୁଠି ସେମାନେ ପୁରୁଷଙ୍କ ଭଳି ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଏପରିକି ଚାଷ କ୍ଷେତ୍ରରେ ମଧ୍ୟ ଆଗକୁ ବଢ଼ି ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଯେକୌଣସି କାମ ହେଉ କିଛି କରିବାର ଦୃଢ଼ ମନୋବଳ ଥିଲେ ତାହା ରାସ୍ତା ଦେଖାଏ। ଏଭଳି ସାହସ ଓ ଉଦ୍ୟମ ଜାରି ରଖି ବୈଜୟନ୍ତୀ ରଣା ନାମ୍ନୀ ଜଣେ ଗୃହିଣୀ ଟେଲରିଂକୁ ରୋଜଗାରର ପନ୍ଥା ଭାବେ ଆପଣାଇ ଆଗକୁ ବଢ଼ି ଚାଲିଛନ୍ତି। ଏଥିରେ ନିଜ ପରିବାର ଚଳାଇବା ସହ ଅନ୍ୟ ୨୫ ମହିଳା ଓ ପୁରୁଷଙ୍କୁ ରୋଜଗାର ଦେଇ ସେମାନଙ୍କ ପରିବାରକୁ ସ୍ୱାବଲମ୍ବୀ କରାଇ ପାରିଛନ୍ତି। ଏଭଳି ଦକ୍ଷତା ଓ କାର୍ଯ୍ୟ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟପାଳଙ୍କ ଦ୍ୱାରା ସର୍ବପ୍ରଥମ ମହିଳା ଅଣ୍ଣୁ, କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀ ଭାବେ ସମ୍ମାନିତ ହୋଇଛନ୍ତି।

ବୈଜୟନ୍ତୀଙ୍କ ଘର ଭଦ୍ରକ ପୌରାଞ୍ଚଳ ଅଧୀନ ଅପର୍ତ୍ତିବିନ୍ଧା କୁମ୍ଭାରସାହିରେ। ସ୍ୱାମୀ ବିଜୟ କୁମାର ରଣା ଓ ପୁଅ ରାଜାକୁ ନେଇ ତାଙ୍କ ପରିବାର। ତାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ। ବୈଜୟନ୍ତୀ ୨୦୦୮ରେ ଏକ ଘରୋଇ ଆଇଟିଆଇରେ ଟେଲରିଂ ଶିକ୍ଷାଲାଭ କରିଥିଲେ। ଏହାର ଦୁଇବର୍ଷ ପରେ

- ଟେଲରିଂ ଦେଇଛି ସ୍ୱତନ୍ତ୍ର ପରିଚୟ
- ସାଉଣ୍ଟିଛନ୍ତି ଅନେକ ପ୍ରଶଂସା
- ୩ ଜିଲାକୁ ଲମ୍ବିଛି ବ୍ୟବସାୟ

ନିଜ ଘରେ ଆରମ୍ଭ କରିଥିଲେ ଏକ ଛୋଟ ସିଲେଇ କେନ୍ଦ୍ର। ଅନ୍ୟମାନେ ଏହାକୁ ଦେଖି କେବେ ଭାବି ନ ଥିଲେ ଯେ, ଏହି କେନ୍ଦ୍ର ଦିନେ ଶିଳ୍ପ ରୂପ ନେବ। ବର୍ତ୍ତମାନ ଏହି କେନ୍ଦ୍ରରୁ ମହିଳାଙ୍କ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ଛୋଟ ପିଲାଙ୍କ ପ୍ୟାଣ୍ଟ ଓ ବାନିୟନ ଭଳି ୨୩ ପ୍ରକାର ବସ୍ତ୍ର ପ୍ରସ୍ତୁତ କରାଯାଇ ୩ଟି ଜିଲାକୁ ବିକ୍ରି ପାଇଁ ପଠାଯାଉଛି। କଲିକତା, ଦିଲ୍ଲୀ ଓ ମାଡ୍ରାସରୁ କପଡ଼ା ଆଣି ସେ କର୍ମଚାରୀଙ୍କ ଦ୍ୱାରା ଚାହିଦା ମୁତାବକ ସାମଗ୍ରୀ ପ୍ରସ୍ତୁତ କରି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। ବିଭିନ୍ନ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାରେ ଷ୍ଟଲ ଖୋଲି ବ୍ୟବସାୟକୁ ପ୍ରସାର କରାଇପାରିଛନ୍ତି। ଆଗକୁ ଅଧିକ ଜିଲାକୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଯୋଗାଇବାକୁ ଆଶା ରଖିଥିବା କହିଛନ୍ତି। ୧୨ବର୍ଷ ତଳେ ସେ ଖୋଲିଥିବା ସିଲେଇ କେନ୍ଦ୍ର ୨୫ ପରିବାର ଚଳାଇ ଆସୁଥିବାରୁ ଏହି ଖୁସି ତାଙ୍କୁ ବିମୋହିତ କରୁଛି। ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ଏଭଳି ସଫଳତା ଆଣି ଦେଇଥିବା ସେ କହିଛନ୍ତି।

# ୬ ଦୋକାନ ଜାଳିଦେଲେ ଦୁର୍ବୃତ୍ତ

**ତିହିଡ଼ି,୧୫।୩(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୁଇଟି ପୃଥକ୍ ସ୍ଥାନରେ ୬ଟି ଦୋକାନକୁ ଶନିବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଦୋକାନୀମାନେ ରବିବାର ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। କୁବେରା ପଞ୍ଚାୟତ ଅଧୀନ ଦେଉଳା ସପ୍ତାପଦାଠାରେ ଥିବା ୫ଟି ଦୋକାନ ଜଳିଯାଇଛି। ସେଥିମଧ୍ୟରୁ ବିଦ୍ୟାଧର ସେଠୀ, ରବୀନ୍ଦ୍ର ମଲିକ ଓ ଦେବେନ୍ଦ୍ର ବେହେରାଙ୍କ ଗୋଟିଏ ଲେଖାଏ, ଈଶ୍ୱର ଚନ୍ଦ୍ର ବାରିକଙ୍କ ୨ଟି ଦୋକାନରେ ନିଆଁ ଲାଗିଥିଲା। ତିହିଡ଼ି ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି କୋହ୍ଲ ପଞ୍ଚାୟତ ମୂଷାଙ୍ଗ ଗ୍ରାମର ଲକ୍ଷ୍ମଣ ସେଠୀଙ୍କ ଦୋକାନକୁ କେହି ଦୁର୍ବୃତ୍ତ ପୋଡ଼ିଦେଇଛନ୍ତି।


ସପ୍ତାପଦାରେ ଜଳିଯାଇଥିବା ଦୋକାନ।

# କେଜି ଇଲେଭେନ ବିଜୟୀ


ଅତିଥିଙ୍କ ସହ ଖେଳାଳି।

**ପଦ୍ମପୁର,୧୫।୩(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ପଦ୍ମପୁରଠାରେ ଶନିବାର ରାତିରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଆନନ୍ଦ ଓଝା ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସ୍ନେହପ୍ରଭା ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଭଦ୍ରକ ପୁରୁଣାବଜାର ଟିମ୍‌କୁ ପରାସ୍ତ କରି କେଜି ଇଲେଭେନ ଟିମ୍ ବିଜୟୀ ହୋଇଛି। ବିଜୟୀ ଦଳକୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍‌କୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜୟ ଜଗନ୍ନାଥ କ୍ରିକେଟ କ୍ଲବ ଟୁର୍ନାମେଣ୍ଟ ଆୟୋଜନ କରିଥିବାବେଳେ ନବଜ୍ୟୋତି ଦାଶ ଓ ଶିଶିର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସଭାପତି ଜ୍ୟୋତିପ୍ରକାଶ ଦାସ, ସମ୍ପାଦକ ଉମେଶ ନାୟକ, ସଭ୍ୟ ବିଶ୍ୱଜିତ ବେହେରା, ହରେକୃଷ୍ଣ ଓଝା, ଚନ୍ଦନ ବେହେରା, ସତ୍ୟ ଓଝା ଓ ବିକାଶ ବାରିକ ପ୍ରମୁଖ ସହାୟତା କରିଥିଲେ।


ଶ୍ରୀରାମ ନବମୀ ଉପଲକ୍ଷେ ଭଦ୍ରକ ସହରରେ ଅନୁଷ୍ଠିତ ଗଣଦୌଡ଼।

# ମାତୃଭୂମି ପାଇଁ ଗଣଦୌଡ଼
## ସାମିଲ ହେଲେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ଭଦ୍ରକ ଅଫିସ,୧୫।୩**

ଶ୍ରୀରାମ ନବମୀ ଉପଲକ୍ଷେ ଏବେଠୁ ଭଦ୍ରକ ଚଳଚଞ୍ଚଳ ହୋଇଉଠିଛି। ଶ୍ରୀରାମ ନବମୀ ମହାଯଜ୍ଞ ସମିତି ପକ୍ଷରୁ ରବିବାର ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। 'ମାତୃଭୂମି ପାଇଁ ଗଣଦୌଡ଼' ସକାଳ ୭ଟାରେ ସହରର ଜିଲାପାଳ କାର୍ଯ୍ୟାଳୟ ନିକଟସ୍ଥ ମା' ତାରିଣୀ ମନ୍ଦିରଠାରୁ ଆରମ୍ଭ ହୋଇଥିଲା। ସମିତି ସଭାପତି ରାୟ ରମାନନ୍ଦ ମହାପାତ୍ର ଗୌରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦଳମତ ନିର୍ବିଶେଷରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଯୁବକ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରି ଏଥିରେ ସାମିଲ ହୋଇଥିଲେ। ରାଷ୍ଟ୍ରୀୟ ଚେତନା, ରାଷ୍ଟ୍ରର ଅଖଣ୍ଡତା, ବିକାଶ ଓ ରାଷ୍ଟ୍ରବାଦର ଉଦ୍ଦେଶ୍ୟ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନ, କ୍ରୀଡ଼ା ସଙ୍ଗଠନ, ଜିମ୍‌ନାସିୟମ, ବିଭିନ୍ନ କ୍ଲବର ସଦସ୍ୟ, କିନ୍ନର ମହାସଂଘ, ଆଧ୍ୟାତ୍ମିକ ସଙ୍ଗଠନର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଣଦୌଡ଼ରେ ଭାଗ ନେଇଥିଲେ। ଭାରତମାତା କି ଜୟ, ବନ୍ଦେ ମାତରମ୍, ଜୟ ଶ୍ରୀରାମ ଧ୍ୱନିରେ ସାରା ସହରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଏହାସହ ରାସ୍ତାର ଡିଭାଇଡର ଓ ଗଣଦୌଡ଼ର ଦୃଶ୍ୟରେ ସହରର ମୁଖ୍ୟରାସ୍ତା ଗୌରିକମୟ ହୋଇଥିଲା। ସହର ମଧ୍ୟଦେଇ ସାଳନ୍ଦୀ ବାଇପାସ୍ ଜଗନ୍ନାଥ ମନ୍ଦିର ନିକଟରେ ଗଣଦୌଡ଼ ଶେଷ ହୋଇଥିଲା।

କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ ଓ ବିଷ୍ଣୁ ସେଠୀ, ସଂଗ୍ରାମ ଆଚାର୍ଯ୍ୟ, ସୀତାଂଶୁ ମହାପାତ୍ର, ହେମନ୍ତ ପାଢ଼ୀ, ଅଭିମନ୍ୟୁ ସେଠୀ, ବଦ୍ରିନାରାୟଣ ଧଳ, ସୁମିତ୍ରା ପାଣି, ପ୍ରଦୀପ ନାୟକ, ଭଗବାନ ପଣ୍ଡା, ଜଗନ୍ନାଥ ଦାସ, ତପନ ମହାନ୍ତି, ଯୁବ ସଙ୍ଗଠକ ସ୍ୱାଧୀନ ସୁନ୍ଦର ଦାସ, ତୁଷାର ଦାସ, ବାପୁଲା ମହାପାତ୍ର, ସୂର୍ଯ୍ୟବଂଶୀ ସୂରଜ, ଦେବାଂଶୁ ରାଉତ, ଟୁକୁନା ସ୍ୱାଇଁ, ବିକାଶ ଶ୍ରେଷ୍ଠା, ଶିବଶଙ୍କର ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆଇନ ଶୃଙ୍ଖଳା ପାଇଁ ଭଦ୍ରକ ଟାଉନ ପୋଲିସ ବିଭିନ୍ନ ସ୍ଥାନରେ ମୁତୟନ ଥିବା ଦେଖିବାକୁ ମିଳିଥିଲା। ସୂଚନା ଥାଉକି, ଶ୍ରୀରାମ ନବମୀ ଉପଲକ୍ଷେ ଆସନ୍ତା ୨୫ତାରିଖରେ ସନ୍ଥପୂଜନ, ଗୋ ପୂଜନ ଓ ବାଇକ ରାଲି ଅନୁଷ୍ଠିତ ହେବ। ୩୧ରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା କାର୍ଯ୍ୟକ୍ରମ ରହିଛି।

# ସଂଘବଦ୍ଧ ଆକ୍ରମଣରେ ୩ ଗୁରୁତର

**ପଦ୍ମପୁର,୧୫।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ବଜାରରେ ରବିବାର ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପଦ୍ମପୁର ଗ୍ରାମର ଶୁକ ଓଝା, କାବୁଲ ଓଝା ଓ ନିରୋଦ ନାୟକ। ଆହତମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ପଦ୍ମପୁର ବଜାରରେ ଏହି ୩ ଜଣ ଠିଆ ହୋଇଥିଲେ। ୧୦ରୁ ୧୫ ଜଣ ଯୁବକ ଏଡ଼ତାଳ ଅଞ୍ଚଳରୁ ଆସି ଏମାନଙ୍କୁ ମଦ ବୋତଲ ଓ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଉଭୟ ପକ୍ଷରୁ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ପରେ ଆକ୍ରମଣର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଷୋଳସା ପାଣ୍ଠରେ ପ୍ରଥମ ରବିଧାନ ଚାଷ

**ବାଲିଆପାଳ, ୧୫।୩(ଡି.ଏନ.ଏ.)**


ଷୋଳସା ପାଣ୍ଠରେ ରବି ଧାନ ଚାଷ।

ବାଲେଶ୍ୱର ଜିଲାର ବାଲିଆପାଳ ବ୍ଲକ ଅଧୀନ କୋଷ୍ଟ କେନାଲ ଦକ୍ଷିଣପାର୍ଶ୍ୱ ଷୋଳସା ପାଣ୍ଠ ଜମିରେ ବର୍ଷାପାଣି ଜମି ରହୁଥିବାରୁ ଖରିଫ ଋତୁରେ ବୁଣାଧାନ ଚାଷ କରିବା ସମ୍ଭବ ହେଉ ନ ଥିଲା। ପୂର୍ବରୁ ରବି ଋତୁରେ ମଧ୍ୟ ଏହି ଜମି ପଡ଼ିଆ ପଡୁଥିଲା। ଏଥର ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ସୂଚନା ପରାମର୍ଶ କେନ୍ଦ୍ରର ବୈଷୟିକ ସହାୟତାରେ ଚାଷୀମାନେ ଘରୋଇ ସେଚ ପଏଣ୍ଟ କରି ରବି ହାଇଲଡ଼ିଂ ଧାନ ଚାଷ କରିଛନ୍ତି। ପାଣ୍ଠ ଜମିର ପ୍ରାୟ ଏକ ତୃତୀୟାଂଶରେ ଏହି ଧାନ ଚାଷ ହୋଇଛି। 'ମାଇ-ଅଣ୍ଡିରା' ଧାନ ଚାଷରୁ ଅଧିକ ଅମଳ ମିଳୁଥିବା ଅଗ୍ରଣୀ ଚାଷୀ ମନ୍ମଥ ପାତ୍ର, ଅନନ୍ତ ଜେନା, ବିଶ୍ୱମ୍ଭର ଜେନା, ଗଜେନ୍ଦ୍ର ବିଶ୍ୱାଳ, ହରେକୃଷ୍ଣ ପାତ୍ର, ଅନନ୍ତ ରାଉତ, କାଳିଚରଣ ମଣ୍ଡଳ ପ୍ରମୁଖ କହିଛନ୍ତି।

## ବ୍ରହ୍ମ ଅବଧୂତ ଆଶ୍ରମରେ ମେଳଣ ଉତ୍ସବ

**ଭଣ୍ଡାରିପୋଖରୀ, ୧୫।୩(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଦେହୁଡ଼ି ଆନନ୍ଦପୁର ନିକଟ ବିରୋଳିସ୍ଥିତ ବ୍ରହ୍ମ ଅବଧୂତ ଆଶ୍ରମଠାରେ ଏକାକ୍ଷର ମେଳା ଓ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ଗୁରୁ ନାରାୟଣ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ଏଥିରେ ୧୫ଟି ରାଧାକୃଷ୍ଣଙ୍କ ବିମାନ ସୁସଜ୍ଜିତ ହୋଇ ଆଟୋପ ଶୋଭାଯାତ୍ରାରେ ଆସିଥିଲେ। ରାମେଶ୍ୱର ଦାସ, ବାବାଜୀ ଚରଣ ନାଥ, ହରିହର ଦାଶ, ନରେନ୍ଦ୍ର ଜେନା, ଶ୍ରୀନିବାସ ଜେନା, ଅଜିତ କୁମାର ଜେନା, ମନୋଜ କୁମାର ଜେନା, ମୁରଲୀଧର ସାହୁ, ନାରାୟଣ ଚନ୍ଦ୍ର ପରିଡ଼ା, କାହ୍ନୁଚରଣ ଜେନା ଓ ଆଶ୍ରମର ଭକ୍ତମାନେ ପରିଚାଳନାରେ ସହଯୋଗ କରିଥିଲେ।

## ୩ ମଦ ବେପାରୀ ଗିରଫ

**ଧାମନଗର,୧୫।୩(ଡି.ଏନ.ଏ.)**

ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ାଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭଗବାନପୁରର ରମେଶ ବେହେରା, ବୃନ୍ଦାକୁଟିର ଲିପୁନ ଜେନା ଓ ହରିହର ମୁଣ୍ଡା। ସେମାନଙ୍କଠାରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଇନ୍ସପେକ୍ଟର ରବୀନ୍ଦ୍ର ପ୍ରଧାନ ଓ ସ୍ପନ୍ଦନ ମହାନ୍ତ ଚଢ଼ାଉ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ବସ୍ତା,୧୫।୩ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଏକ ଗ୍ରାମର ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଜଣେ ସମ୍ପର୍କୀୟ ବଳାତ୍କାର କରିଥିବା ନେଇ ପୋଲିସରେ ଲିଖିତ ଅଭିଯୋଗ ହୋଇଛି। ପୀଡିତାଙ୍କ ବାପା ଦେଇଥିବା ଏତଲା ଭିତ୍ତିରେ ପୋଲିସ ଦଫା ୩୭୬(୩) ଓ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୬୪/୨୦) ରୁଜୁ କରି ଅଭିଯୁକ୍ତ ରାମଚନ୍ଦ୍ର ମହାପାତ୍ରଙ୍କୁ ଗିରଫ କରିଥିବା ଥାନା ଆଇଆଇସି ମାନସ କୁମାର ଦେଓ ପ୍ରକାଶ କରିଛନ୍ତି। ଶନିବାର ଅପରାହ୍ଣରେ ଏହି ନାବାଳିକାଙ୍କୁ ଅଭିଯୁକ୍ତ ନିକଟସ୍ଥ ଏକ ହାଟକୁ ଡାକି ନେଇ ପରେ ଅନ୍ୟ ଏକ ସ୍ଥାନରେ

**ହସ୍‌ପିଟାଲରେ ଚିକିତ୍ସାଧୀନ ପୀଡ଼ିତା**

ବଳାତ୍କାର କରି ଛାଡି ପଳାଇଥିଲେ। ନାବାଳିକା ଜଣକ କାନ୍ଦୁଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକେ ନାବାଳିକାଙ୍କୁ ନେଇ ହସ୍‌ପିଟାଲରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଣକ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଲୋକେ ଅଟକାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଉଭୟ ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଇଥିବା କହିଛି।

# ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ପ୍ରୟାସ

**ବାଲେଶ୍ୱର ଅଫିସ, ୧୫।୩**

ବାଲେଶ୍ୱର ସଦର ବ୍ଲକ ପରିଖି ପଞ୍ଚାୟତର ତାଳବୋରାଇ ବେଳାଭୂମିରେ ସାମୁଦ୍ରିକ ଜୀବ ତଥା ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ସଫେଇ କାର୍ଯ୍ୟକ୍ରମ ରବିବାର ଏବିସି ଅନୁଷ୍ଠାନ ତରଫରୁ ତାଳବୋରାଇ ରାଇଜିଂ ଷ୍ଟାର କ୍ଲବ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏବିସିର ଶିଳ୍ପୀ କେଶୁ ଦାସ ଓ ବିଜୟ ଦାସଙ୍କ ସହିତ ରାଇଜିଂ ଷ୍ଟାର କ୍ଲବ ସଭାପତି ପ୍ରଶାନ୍ତ ଗିରି, ଉପସଭାପତି ପ୍ରବାସ ଜେନା, ସମ୍ପାଦକ ସରୋଜ ପରିଡ଼ା, ସହସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସ୍ୱାଧୀନ ସାହୁ, ବିଜୟ ସାହୁ, ଟିଟୁ ପାତ୍ର, ତାପସ କରଣ, ଗିରିସ ମାଝି, ଚନ୍ଦନ ବେହେରା, ଜୟପ୍ରକାଶ ବେହେରା, ଆକାଶ ସେଠୀ, ରଞ୍ଜନ ସାହୁ, ଶିବ ପ୍ରସାଦ ବେହେରା, ସୁଶାନ୍ତ ଜେନା, ତୁଷାର ଜେନା, ଉମେଶ ସିଂ, ତପନ ସାହୁ, ସୁବଳ ସାହୁ, ବାପି ମାନ୍ନ, ଗଣେଶ ପରି, ବାଇନ କରଣ, ଗୋପାଳ ଜେନା, ସୁକାନ୍ତ ଗିରିଙ୍କ ସହ ସ୍ଥାନୀୟ ମହିଳା ମମତା ସାହୁ, ମମତା ସାମଲ, ଛବିରାଣୀ ଦିନ୍ଦା ପ୍ରମୁଖ ଯୋଗଦେଇ ୨କି.ମି. ବେଳାଭୂମି ମଧ୍ୟରେ ଛିଣ୍ଡା ଜାଲ, ପ୍ଲାଷ୍ଟିକ ବୋତଲ, ଥର୍ମକୁଲ ଥାଳି ଆଦି ସଫେଇ କରାଯାଇଥିଲା।


ବେଳାଭୂମି ସଫେଇ କରାଯାଉଛି।

ପ୍ରଥମ ରବିବାର ଦୁବଲାଗଡ଼ି ବେଳାଭୂମିରେ ଅମର ଯବାନ ଯୁବ ସଙ୍ଗଠନ ଏବଂ ଦ୍ୱିତୀୟ ରବିବାର ବଗଦା ବେଳାଭୂମିରେ ମମତା ଜଙ୍ଗଲ ସୁରକ୍ଷା କମିଟିର ସହାୟତାରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

## କଣ୍ଟେନର-ଡମ୍ଫର ଧକ୍କା: ଜଣେ ମୃତ

**ବାହାନଗା,୧୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ସାପ୍ତାହିକ ହାଟ ସାମ୍ନାରେ ରବିବାର ଏକ କଣ୍ଟେନର ସହିତ ମାଲ ବୋଝେଇ ଡମ୍ଫର ଧକ୍କା ହେବାରୁ କଣ୍ଟେନର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଡମ୍ଫର ଡ୍ରାଇଭର ଓ ହେଲପର ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୋର ଥାନା ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ମାମଲା ରୁଜୁ କରିଛି । ରବିବାର ସକାଳେ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ଏକ କୋରିୟର କମ୍ପାନୀର କଣ୍ଟେନର ସହିତ ବାଲେଶ୍ୱରରୁ ସୋର ଆସୁଥିବା ମାଲ୍ ବୋଝେଇ ଡମ୍ଫର ମଧ୍ୟରେ ଧକ୍କା ହୋଇଥିଲା। ମୃତ ଡ୍ରାଇଭର ହେଲେ ଆଜବ ଖାଁ(୨୮ )। ତାଙ୍କ ଘର ରାଜସ୍ଥାନର ଇସମାଲିପୁର ଗ୍ରାମରେ।

# ପୂରଣ ହେଲାନି ସହରବାସୀଙ୍କ ସ୍ୱପ୍ନ

**ମାନସ ବିଶ୍ୱାଳ**
ବାଲେଶ୍ୱର ଅଫିସ, ୧୫।୩

- ଅତ୍ୟାଧୁନିକ ପାର୍କ ଅଧାରୁ ବନ୍ଦ
- ଅନ୍ୟତ୍ର ନିର୍ମାଣ ପାଇଁ ମିଳୁନି ଜାଗା
- ମଞ୍ଜୁର ଟଙ୍କା ଫେରିଯିବା ଆଶଙ୍କା

ସଂସ୍କୃତିସମ୍ପନ୍ନ ବାଲେଶ୍ୱର ସହରରେ ଜନସଂଖ୍ୟା ଓ ପରିସୀମା ବୃଦ୍ଧି ପାଉଥିବାବେଳେ ଆଧୁନିକ ଜୀବନଧାରା ସହ ତାଳ ଦେଇ ଚାଲିବା ପାଇଁ ଭିତ୍ତିଭୂମି ବିକଶିତ ହୋଇପାରୁନାହିଁ। ସହରବାସୀଙ୍କ ଚିତ୍ତବିନୋଦନ ପାଇଁ ନା ଅଛି ଅତ୍ୟାଧୁନିକ ପାର୍କ, ନା ଅନ୍ୟ କିଛି ସୁବିଧା। ଏପରିସ୍ଥଳେ ବଡ଼ଖୁଆସ୍ଥିତ ବଳାଙ୍ଗୀ କଲେଜ ସମ୍ମୁଖ ପଡ଼ିଆରେ ପ୍ରସ୍ତାବିତ ଅତ୍ୟାଧୁନିକ ପାର୍କ ଆରମ୍ଭରୁ ବିବାଦରେ ଛନ୍ଦି ହୋଇପଡିଛି। ଉକ୍ତ ପାର୍କରେ ଓପନ୍ ଜିମ୍ ଓ ବୋଟିଂ ଆଦି ସୁବିଧା କରାଯିବା ଲାଗି ଅମୃତ ଯୋଜନାରେ ୧.୧୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ପାର୍କ ପାଇଁ ୬.୧୪ ଏକର ଜମି ଚିହ୍ନଟ ହେବା ପରେ ପ୍ରାୟ ୨୫ ପ୍ରତିଶତ କାମ ହୋଇଥିଲା। ଏହି ପରିପ୍ରେକ୍ଷୀରେ କେତେକ ଆଞ୍ଚଳିକ ସମସ୍ୟା ନେଇ ପାର୍କ ନିର୍ମାଣକୁ ବିରୋଧ କରାଯାଇ ହାଇକୋର୍ଟ ଯାଏ କଥା ଯାଇଥିଲା। ଫଳରେ ଅତ୍ୟାଧୁନିକ ପାର୍କର ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଛି। ଏହାମଧ୍ୟରେ ପାର୍କ ଅନ୍ୟତ୍ର କରାଯିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଅନ୍ୟତ୍ର ଏଥିପାଇଁ ସ୍ଥାନ ମିଳୁ ନ ଥିବାରୁ ପ୍ରଶାସନ ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ପାର୍କ ନିର୍ମାଣ ଅବଧି ଶେଷ ହେବାକୁ ବସିଥିବାରୁ ମଞ୍ଜୁର ଟଙ୍କା ଫେରିଯିବା ଆଶଙ୍କା ପ୍ରକାଶ ପାଉଛି। ଏଣୁ ଅତ୍ୟାଧୁନିକ ପାର୍କ ନିର୍ମାଣ ସହରବାସୀଙ୍କ ପାଇଁ ସ୍ୱପ୍ନ ପାଲଟିବାକୁ ଯାଉଛି।


ଅଧାପନ୍ତରିଆ ଅବସ୍ଥାରେ ବଳାଙ୍ଗୀ ପାର୍କ।

ଉଲ୍ଲେଖନୀୟ ଯେ, ସହରକୁ ନବୀକରଣ କରିବା ସକାଶେ ଅମୃତ ଯୋଜନାରେ ଏହାକୁ ସାମିଲ କରାଯାଇ ବଳାଙ୍ଗୀରେ ଅତ୍ୟାଧୁନିକ ପାର୍କ ନିର୍ମାଣ ସମେତ କଲ୍ୟାଣନଗର, ଶାନ୍ତିକାନନ, ସହଦେବଖୁଣ୍ଟାର ଚାନ୍ଦମାରି ପଡ଼ିଆ, ଗୁଡ଼ିପଦାରେ ପାର୍କ ନିର୍ମାଣ ଲାଗି ପୌର ସଂସ୍ଥା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମୋଟ ୨କୋଟି ୬୫ଲକ୍ଷ ଟଙ୍କା ଅମୃତ ଯୋଜନାରେ ବ୍ୟୟବରାଦ ହୋଇଥିଲା। ବଳାଙ୍ଗୀ ପାର୍କ ପାଇଁ ୧କୋଟି ୧୮ଲକ୍ଷ ଟଙ୍କା ଧାର୍ଯ୍ୟ ହେବା ପରେ ମ୍ୟୁନିସିପାଲିଟି ପକ୍ଷରୁ ଚିହ୍ନଟ ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୦୧୬ ଜୁଲାଇ ୩୦ ତାରିଖରେ ତତ୍କାଳୀନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାସ, ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ ଇଂ. ସୁବାସ ଚନ୍ଦ୍ର ଜେନା ଏବଂ ୩୧ଜଣ କାଉନ୍‌ସିଲରଙ୍କ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଉପସ୍ଥିତ ଥିଲେ। ନିର୍ମାଣ କାର୍ଯ୍ୟ ୨୦୧୬-୧୭ ଆର୍ଥିକ ବର୍ଷ ସୁଦ୍ଧା ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଥିଲା। ପରେ ବିବାଦୀୟ ସ୍ଥିତିକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହେବାରୁ ମ୍ୟୁନିସିପାଲିଟି ପକ୍ଷରୁ ଏହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଶେଷରେ ଉଚ୍ଚ ନ୍ୟାୟାଳୟ ଅଭିଯୋଗକାରୀଙ୍କ ସପକ୍ଷରେ ରାୟ ଦେଇ ପାର୍କ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଏକ ଅତ୍ୟାଧୁନିକ ପାର୍କ ପାଇଁ ସହର ଭିତରେ ଅନ୍ୟତ୍ର ସ୍ଥାନ ନ ମିଳିବାରୁ ମଞ୍ଜୁର ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଏହାମଧ୍ୟରେ ଏହି ଅର୍ଥ ଫେରାଇ ଦେବା ସକାଶେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାରୁ ଜିଲାପାଳଙ୍କ ଅନୁମୋଦନ ପାଇଁ ପଠାଯାଇଛି ବୋଲି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଉଚ୍ଚ ନ୍ୟାୟାଳୟରେ ମାମଲାକୁ ଠିକ୍ ଭାବେ ପରିଚାଳନା କରାଯାଇ ନ ଥିବାରୁ ବିରୋଧକାରୀଙ୍କ ସପକ୍ଷରେ ରାୟ ଯାଇଛି। ହାଇକୋର୍ଟରେ ପୁନଃ ସମୀକ୍ଷା ପାଇଁ ଆବେଦନ କରି କାର୍ଯ୍ୟ ସମ୍ପାଦନ କରାଯାଇପାରିବ। ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଣୟ କୁମାର ଜେନା କହିଛନ୍ତି, ପାର୍କ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସକାଶେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ରହିଛି। ଖର୍ଚ୍ଚ ନ ହୋଇ ପଡିରହିଥିବା ଟଙ୍କା ଚଳିତମାସ ୩୧ ତାରିଖ ସୁଦ୍ଧା ଫେରିଯିବା ଏକପ୍ରକାର ନିଶ୍ଚିତ।

# ପୁଅର ମୃତ୍ୟୁ ଖବର ଶୁଣି ଆରପାରିକୁ ଚାଲିଗଲେ ମା'

ବାଲେଶ୍ୱର ଅଫିସ, ୧୫।୩

- ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ
- ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଚିକିତ୍ସା ଅବହେଳାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ନିକଟରେ ଅଭିଯୋଗ କରିଥିଲେ। ସଦର ବିଧାୟକ ମଦନମୋହନ ଦତ୍ତ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଛୋଟରାୟଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ଡାକ୍ତରଖାନାରେ ପୁଅର ମୃତ୍ୟୁ ହୋଇଥିବା ଖବର ଶୁଣି ତାଙ୍କ ମା'ଙ୍କର ମଧ୍ୟ ହୃଦ୍‌ଘାତରେ ପରଲୋକ ହୋଇଯାଇଛି।

ସହର ନିଟକସ୍ଥ ନୂଆପୁର ଅଞ୍ଚଳର ଶ୍ରୀକାନ୍ତ ଲେଙ୍କାଙ୍କ ଦେହ ଖରାପ ହେବାରୁ ଶନିବାର ରାତିରେ ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତରଙ୍କ ପରାମର୍ଶରେ ଉପସ୍ଥିତ ନର୍ସ ତାଙ୍କୁ ଚିକିତ୍ସା କରିଥିଲେ। ରବିବାର ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାର ଓ ଗ୍ରାମବାସୀ ନର୍ସ ଭୁଲ୍ ଇଞ୍ଜେକଶନ ଦେଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବାର ଅଭିଯୋଗ କରି ମୃତଦେହକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଥିବା ଖବର ଶୁଣି ତାଙ୍କ ମା' ମଧ୍ୟ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ। ଏବେ ତାଙ୍କ ପରିବାରରେ କେବଳ ମୃତ ଶ୍ରୀକାନ୍ତଙ୍କ ଦିବ୍ୟାଙ୍ଗ ନାବାଳକ ପୁଅ ଅଛନ୍ତି। ସେ କିପରି ଉଭୟ ବାପା ଓ ଜେଜେମା'ଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ କରିବେ ସେନେଇ ଗ୍ରାମବାସୀ ବ୍ୟସ୍ତ ହୋଇପଡିଥିଲେ। ସଦର ବିଧାୟକ ଦତ୍ତ ସମସ୍ତ ଘଟଣା ଜାଣିବା ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଯୋଗାଯୋଗ କରି ମୃତକ ପରିବାରଙ୍କୁ ରେଡ୍‌କ୍ରସ୍‌ରୁ ୧୦ହଜାର ଟଙ୍କା ସହାୟତା ଦେବା ପରେ ଗ୍ରାମବାସୀ ଗାଁକୁ ଫେରି ଗାଁ ଶ୍ମଶାନରେ ଦୁଇଜଣଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### କରୋନା ସନ୍ଦିଗ୍ଧଙ୍କ ରକ୍ତ ନମୁନା ପରୀକ୍ଷା

ସଜନାଗଡ଼, ୧୫।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳର ଜଣେ ଯୁବକ ମର୍ଚ୍ଚାଣ୍ଟ ନାଭିରେ 'ଏମ୍‌ବି ମୋହନବିଗମ' ଜାହାଜରେ ଚାକିରି କରନ୍ତି। ଗତବର୍ଷ ଜୁନ୍ ୧୯ ତାରିଖରେ ଉକ୍ତ ଜାହାଜରେ ସାଉଥ୍‌କୋରିଆ ସିଙ୍ଗାପୁର ଯାଇଥିଲେ। ୮ମାସ ୧୨ଦିନ ପରେ ଅର୍ଥାତ୍ ଗତ ମାର୍ଚ୍ଚ ୪ ତାରିଖରେ ନିଜ ଘରକୁ ଫେରିଥିଲେ। ବାଲେଶ୍ୱର ସ୍ଥିତ ମେଣ୍ଡାଶୋଳ ଠାରେ ସ୍ୱାମୀ-ସ୍ତ୍ରୀ ରହିଆସୁଥିବା ବେଳେ ମାର୍ଚ୍ଚ ୬ ତାରିଖରେ ଗାଁ ଶ୍ରୀଦେଇପୁରକୁ ଆସିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଈଶ୍ୱରପୁର ମେଡ଼ିକାଲ ଅଫିସର ଖବରପାଇ ଆଶା ଓ ଅଙ୍ଗନୱାଡ଼ି ଦିଦିଙ୍କୁ ପଠାଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏକ ଟିମ୍ ପଠାଇ ତାଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ରକ୍ତ ନମୁନା ପରୀକ୍ଷା ପରେ ସମସ୍ତ ତଥ୍ୟ ଆସିବ ବୋଲି ମେଡ଼ିକାଲ ସୂତ୍ରରୁ ପ୍ରକାଶ।

### ଆଶିଷ ଓଡ଼ିଶା ଅଭିଭାବକ ମହାସଂଘର ଜିଲା ଆବାହକ

ବାଲେଶ୍ୱର ଅଫିସ, ୧୫।୩-ଓଡ଼ିଶା ଅଭିଭାବକ ମହାସଂଘର ବାଲେଶ୍ୱର ଜିଲାର ଆବାହକ ଭାବେ ଯୁବନେତା ତଥା ଜିଲା ଶିଶୁ ମଙ୍ଗଳ ସଦସ୍ୟ ଆଶିଷ ଘୋଷଙ୍କୁ ମହାସଂଘର ରାଜ୍ୟ ଅଧକ୍ଷ ବାସୁଦେବ ଭଟ୍ଟ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଜିଲା ଆବାହକ ଘୋଷ ରାଜ୍ୟ ଅଧକ୍ଷ ଏବଂ ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଓଡ଼ିଶା ଅଭିଭାବକ ମହାସଂଘ ବାଲେଶ୍ୱର ୟୁନିଟ ସମସ୍ତ ସରକାରୀ, ବେସରକାରୀ, ପ୍ରି-ନର୍ସରୀ, ସେକେଣ୍ଡାରୀ, ଉଚ୍ଚ ସେକେଣ୍ଡାରୀ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଟେକ୍ନିକାଲ ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ ତଥା ରାଜ୍ୟ ବାହାରର ସମସ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ଏଥିରେ ସମ୍ପୃକ୍ତ କରାଯିବ ବୋଲି ସଂଘ ଲକ୍ଷ୍ୟ ରଖିଛି। ଖୁବ୍‌ଶୀଘ୍ର ଜିଲା, ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଏନଏସିର କାର୍ଯ୍ୟକର୍ତ୍ତାଙ୍କୁ ନିଯୁକ୍ତ କରାଯିବା ସହ ସମସ୍ତ କାର୍ଯ୍ୟକର୍ତ୍ତା ଓଡ଼ିଶା ଅଭିଭାବକ ମହାସଂଘର ଅଧୀନରେ କାର୍ଯ୍ୟ କରିବେ।

### ଖବରଦାତାଙ୍କ ପରଲୋକ

ସଜନାଗଡ଼,୧୫।୩(ଡି.ଏନ.ଏ.)- ନୀଳଗିରି ଅଞ୍ଚଳର ବରିଷ୍ଠ ଖବରଦାତା ଅଜୟ ଦାସ (୮୦) ରବିବାର ଭୋର୍ ସମୟରେ ତାଙ୍କର ଧୋବଶିଳାସ୍ଥିତ ଘରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ରୋଗରେ ଆକ୍ରାନ୍ତ ଥିଲେ। ଖବର ପ୍ରଚାରିତ ହେବା ପରେ ବହୁ ବୁଦ୍ଧିଜୀବୀ, ରାଜନେତା, ଖବରଦାତା ଏବଂ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପହଞ୍ଚି ମୃତଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶୁଦ୍ଧିକ୍ରିୟାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ, ବିଧାୟକ


କମଳିନୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରୁଛନ୍ତି।

ସଜନାଗଡ଼, ୧୫।୩(ଡି.ଏନ.ଏ.)

## ଗାଁ ମଶାଣିରେ ଶବକୁ ଜାଗା ନ ମିଳିବା ଘଟଣା

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଡାହିସାହି ଗ୍ରାମର ଜଗନ୍ନାଥ ରଣା ନାମକ ଯୁବକ ଥଣ୍ଡାଜ୍ୱରରେ ପୀଡ଼ିତ ହୋଇ ଗତ ୫ ତାରିଖରେ ମୃତ୍ୟୁବରଣ କରିଥିଲେ। ଏକମାତ୍ର ପୁଅକୁ ହରାଇ ତାଙ୍କ ମା' କମଳିନୀ ଏବେ ବେସାହାର ହୋଇପଡ଼ିଛନ୍ତି। ପୁଅ ଶବ ସଂସ୍କାର ପାଇଁ ତାଙ୍କ ପାଖରେ କାଣି କଉଡିଟିଏ ନ ଥିବାରୁ ସେ ଓ ତାଙ୍କ ସମ୍ପର୍କୀୟମାନେ ମଶାଣିରେ ପୋତିଦେବାକୁ ସ୍ଥିର କରିଥିଲେ। ହେଲେ ଗ୍ରାମର କେତେଜଣ ବ୍ୟକ୍ତି ଏହାକୁ ବାରଣ କରିବାରୁ ଶେଷରେ ତାଙ୍କ ସମ୍ପର୍କୀୟମାନେ ଏକ ରିକ୍ସା ଯୋଗେ ୩କି.ମି. ପର୍ଯ୍ୟନ୍ତ ବୋହିନେବା ପରେ ପାହାଡ଼ ପାଦଦେଶରେ ପୋତିଥିଲେ। ସ୍ଥାନୀୟ ସରପଞ୍ଚ ମୃତ୍ୟୁର ଦୁଇଦିନ ପରେ ଦୁଇହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ରବିବାର ଥିଲା ତାଙ୍କର ଏକାଦଶାହ। ଆର୍ଥିକ ଅନଟନ ମଧ୍ୟରେ ଅସହାୟ ମା' କ୍ରିୟାକର୍ମ କରିବାକୁ ଯାଉଥିବାବେଳେ ଖବରପାଇ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କମଳିନୀଙ୍କ କୁଡ଼ିଆରେ ପହଞ୍ଚି ଏଭଳି ହୃଦୟ ବିଦାରକ ଅବସ୍ଥାକୁ ଦେଖି ଦୁଃଖ ପ୍ରକାଶ କରିଥିଲେ। ଘଟଣାସ୍ଥଳକୁ ନୀଳଗିରି ବିଡିଓ ଅନିତା ନାୟକଙ୍କୁ ଡକାଇ ଯଥାଶୀଘ୍ର କମଳିନୀଙ୍କ ଥଇଥାନ ନିମନ୍ତେ ଘର ଓ ଭତ୍ତା ପାଇଁ ବ୍ୟବସ୍ଥା କରିବାକୁ କହିଥିଲେ। ଏହାସହ ଶୁଦ୍ଧିକ୍ରିୟା ପାଇଁ ବ୍ୟକ୍ତିଗତ ଭାବେ ଆର୍ଥିକ ସାହାଯ୍ୟ ଯୋଗାଇଥିଲେ। ଶୁଦ୍ଧିକ୍ରିୟା ପରେ ସେ କିପରି ରହିବେ ସେଥିଲାଗି ମଧ୍ୟ ବୃଦ୍ଧାଶ୍ରମ ସହ ଯୋଗାଯୋଗ କରିଥିବାର ଜଣାପଡ଼ିଛି।

# ରାଧାକୃଷ୍ଣଜୀଉଙ୍କ ମେଳଣ

ବାହାନଗା, ୧୫।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଫତେପୁର ଗ୍ରାମରେ ରାଧାକୃଷ୍ଣ ଜୀଉ ମେଳଣ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୩ ବରିଷ୍ଠ କଳାକାର ନାଟ୍ୟ ନିର୍ଦ୍ଦେଶକ ଲୋକନାଥ ମଲ୍ଲିକ, ମଞ୍ଚ ଅଭିନେତା କୈଳାସ ଚନ୍ଦ୍ର ଶିଅଳ, ଲୋକ କଳାକାର ଦାମୋଦର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ୧୦ତାରିଖରେ ମେଳଣ ପଡିଆକୁ ୧୬ଟି ବିମାନ ଅଣାଯାଇଥିଲା। ଏସବୁ ବିମାନରେ ଠାକୁର ମାଗୁରା, ଜାଗେଶ୍ୱରପଦା, ଆପିତିରା, କରଞ୍ଜାବିନ୍ଧା, ସାରଙ୍ଗପୁର, ଝଲଝଳିଆ, ନଦିଗିରା, ସରସ୍ୱତୀଆ, ଓଡଶାଳ ଆଦି ଗ୍ରାମରୁ ଆସିଥିଲେ। ଠାକୁରମାନଙ୍କୁ ଚାଚେରି ଯାତ୍ରାରେ ଆଣାଯାଇ ମେଳଣ ପଡିଆରେ ଅବସ୍ଥାପିତ କରାଯାଇଥିଲା। ପରେ ପଲ୍ଲିଶ୍ରୀ ଅପେରା ଯାତ୍ରା ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନରେ ବିଭିନ୍ନ ଗ୍ରାମରୁ ୧୨ଟି ବିମାନରେ ଠାକୁରମାନଙ୍କୁ ମେଳଣ ପଡିଆକୁ ଶୋଭାଯାତ୍ରାରେ ଅଣାଯାଇ ଗାଁ ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶିର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ନରେନ୍ଦ୍ର ପ୍ରସାଦ ବୁଗୁଡେଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ବ୍ରଜେନ୍ଦ୍ର ନାୟକ ଯୋଗ ଦେଇଥିଲେ।

### ନିଆଁରେ ପୋଡି ମହିଳା ଗୁରୁତର

ସୋର, ୧୫।୩(ଡି.ଏନ.ଏ.)-ଔପଦା ଥାନା ଅଧୀନ ଗଡସାହି ଗ୍ରାମର ରବୀନ୍ଦ୍ର ଖଣ୍ଡେଇଙ୍କ ପତ୍ନୀ କଲ୍ୟାଣୀ ରବିବାର ସନ୍ଧ୍ୟାରେ ନିଆଁରେ ପୋଡି ହୋଇ ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଜଗନ୍ନାଥଙ୍କ ଅର୍ଥ ହରିଲୁଟ୍‌କୁ ବିରୋଧ

ବାଲେଶ୍ୱର ଅଫିସ,୧୫।୩


ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ

ପୁରୀ ଜଗନ୍ନାଥ ମନ୍ଦିରର ଅର୍ଥ ହଡ଼ପକୁ ବିରୋଧ କରି ବାଲେଶ୍ୱର ପୁରୁଣା ଷ୍ଟାଡ଼ିୟମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ସେଥିରୁ ବର୍ତ୍ତିବା ପାଇଁ କରୋନା ଆଳ ଦେଖାଇ ବିଧାନସଭାକୁ ବାତିଲ୍ କରିଛନ୍ତି ବୋଲି ସଦର ବିଧାୟକ ମଦନ ମୋହନ ଦତ୍ତ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଜିଲା ମିଡିଆ ସଂଯୋଜକ ଗୌରାଙ୍ଗ ଦାସ ପ୍ରେସ ବିବୃତିରେ ଜଣାଇଛନ୍ତି। ଖବରଦାତା ସମ୍ମିଳନୀକୁ ସଦର ମିଡ଼ିଆ ସଂଯୋଜକ ଅରୂପ ଜେନା ପରିଚାଳନା କରିଥିଲେ।

# ବାବା ମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ରୂପ୍‌ସା, ୧୫।୩(ଡି.ଏନ.ଏ.)
ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ମୁରୁଡ଼ା ମୁକ୍ତେଶ୍ୱର ମନ୍ଦିରରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପନ୍ନ ହେବା ପରେ ମନ୍ଦିରରେ ରୁଦ୍ର ସ୍ଥାପନ ଓ ରୁଦ୍ରାଭିଷେକ କରାଯାଇଥିଲା। ଶତାଧିକ ମହିଳା ଏକ ବିଶାଳ କଳସ ଶୋଭାଯାତ୍ରାରେ ବୁଢ଼ାବଳଙ୍ଗ ନଦୀରୁ ପାଣି ଆଣି ଅଧିବାସ କରିଥିଲେ। ୨ଦିନ ବ୍ୟାପୀ ହରିନାମ ସଂକୀର୍ତ୍ତନ, ଭଜନକୀର୍ତ୍ତନ ସହ ପ୍ରବଚନ ସଭା ଆୟୋଜିତ ହୋଇଥିଲା। ମନ୍ଦିର କମିଟି ତରଫରୁ ଆବାହକ ସଦାଶିବ ଶୁକ୍ଳ, ସଭାପତି ଚତୁର୍ଭୁଜ ଆଚାର୍ଯ୍ୟ, ସମ୍ପାଦକ ଦୀନବନ୍ଧୁ ଦାସ, କାର୍ତ୍ତିକ ଚନ୍ଦ୍ର ବାରିକ ଓ ପ୍ରଶାନ୍ତ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ମହାଯଜ୍ଞ ସମେତ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇ ପ୍ରସାଦ ସେବନରେ ଆପ୍ୟାୟିତ ହୋଇଥିଲେ।


ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା ହେଉଛି।

# ୪ ନୂତନ ଟ୍ରାନ୍ସଫର୍ମର ଉଦ୍‌ଘାଟିତ

ରୂପ୍‌ସା, ୧୫।୩(ଡି.ଏନ.ଏ.)
ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା ପଞ୍ଚାୟତରେ କସିପଦା, ହାତିଆଡ଼ିହା ଏବଂ ଆଙ୍କୋ ପଞ୍ଚାୟତର ପୋଡ଼ାଡ଼ିହା, ଦଳଦଳି ପଡ଼ିଆରେ ନୂତନ ଭାବେ ସ୍ଥାପିତ ୪ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ମଦନମୋହନ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଟ୍ରାନ୍ସଫର୍ମରକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ଦୀନଦୟାଲ ଯୋଜନାରେ ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ୪ଟି ଟ୍ରାନ୍ସଫର୍ମର ସ୍ଥାପନ ଯୋଗୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ ବୋଲି ବିଧାୟକ ଦତ୍ତ ବକ୍ତବ୍ୟରେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭାଜପା ମଣ୍ଡଳ ସଭାପତି ତପନ କୁମାର ଗିରି ପୌରୋହିତ୍ୟ କରିଥିଲେ। ସରପଞ୍ଚ ଅନିତା ବେହେରା, ସମିତିସଭ୍ୟ ଭୀମ ବର, ଜିଲା ଉପସଭାପତି ଗଙ୍ଗାଧର ରାଉତ, ମଣ୍ଡଳ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା, ଯୁବମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ଜେନା, ବରିଷ୍ଠ ନେତା ଶ୍ରୀଧର ବେହେରା, ପଞ୍ଚାୟତ ସଭାପତି ଚତୁର୍ଭୁଜ ବେହେରା, ସଚିନ୍ଦ୍ର ବେହେରା ଓ ମୃତ୍ୟୁଞ୍ଜୟ ବାରିକ ପ୍ରମୁଖ ଯୋଗଦେଇଥିଲେ।

# କରୋନା ଭାଇରସ୍ ଭୟ
# ପତିରାଜପୁର ମେଳା ବନ୍ଦ କରିବାକୁ ନିର୍ଦ୍ଦେଶ

ଖଇରା,୧୫।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳା ଚାଲିବାର ମାତ୍ର ୫ଦିନ ଅତିକ୍ରାନ୍ତ ହୋଇଛି। କରୋନା ଭାଇରସ୍ ଆତଙ୍କ ଲାଗି ପ୍ରଶାସନ ପକ୍ଷରୁ ମେଳା ବନ୍ଦ କରିବା ଲାଗି ନିର୍ଦ୍ଦେଶ ହୋଇଛି। ଫଳରେ ଏଠାକୁ ଆସିଥିବା ୫ଶହ ବ୍ୟବସାୟୀଙ୍କ ମଧ୍ୟରେ ଏବେ ଭାଳେଣି ପଡିଛି । ମାସେ ପାଇଁ ଜିନିଷ ପତ୍ର ମହଜୁଦ ରଖି ବିକ୍ରି ଆରମ୍ଭ କରିଥିବା ବ୍ୟବସାୟୀଙ୍କୁ ହଠାତ୍ ଏଭଳି ନିର୍ଦ୍ଦେଶ ସେମାନଙ୍କ ନିଦ ହଜାଇ ଦେଇଛି। ମାସେ ପାଇଁ ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନଙ୍କୁ ଡାକି ଆଣିଥିବା ମେଳା କମିଟି ଏବେ କିଂକର୍ତ୍ତବ୍ୟମୂଢ଼ ହୋଇଛି। ଗୋଟିଏ ପଟେ ପ୍ରଶାସନର ଅଙ୍କୁଶ ଓ ଅନ୍ୟପଟେ ୫ଶହ ବ୍ୟବସାୟୀଙ୍କ ଦୁଃଖ । ଏଭଳି ପରିସ୍ଥିତିରେ ଆଉ କିଛି ଦିନ ମେଳା ଚଳାଇବାକୁ ଅନୁମତି ଦେବା ଲାଗି ଉଭୟ କମିଟି ଓ ବ୍ୟବସାୟୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ନିବେଦନ କରାଯାଇଛି ।

୩ ଶହ ବର୍ଷ ଧରି ଚାଲି ଆସୁଥିବା ଏହି ମେଳା ଦୋଳପୂର୍ଣ୍ଣିମୀରୁ ଆରମ୍ଭ ହୋଇ ଅନ୍ୟୁନ ମାସେ ପର୍ଯ୍ୟନ୍ତ ବସିଥାଏ । ଓଡ଼ିଶାର ବରଗଡ଼, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର ସମେତ ବିଭିନ୍ନ ପ୍ରାନ୍ତରୁ ପାଖାପାଖି ୫ଶହ ଦୋକାନୀ ପସରା ମେଳିଥାନ୍ତି। ସ୍ଥାନୀୟ ଅଞ୍ଚଳ ବାସିନ୍ଦା ମଧ୍ୟ ବର୍ଷକ ପାଇଁ ଘରକରଣା, ଖାଦ୍ୟ, ବସ୍ତ୍ର ଆଦି ସରଞ୍ଜାମ କିଣି ରଖିଥାନ୍ତି । କରୋନା ଭାଇରସ ଆତଙ୍କକୁ ନେଇ ବାଲେଶ୍ୱର ଉପଜିଲାପାଳ ୧୪ତାରିଖରେ ମେଳା ବନ୍ଦ କରିବାକୁ କମିଟି ସମ୍ପାଦକ ଭରତ ଚନ୍ଦ୍ର ରାଉତଙ୍କୁ ଚିଠି କରିଛନ୍ତି, ଯାହାକି ବ୍ୟବସାୟୀଙ୍କୁ ହତାଶ କରିଛି। କୋଟି କୋଟି ଟଙ୍କାର ଜିନିଷ ଆଣି ପୁଣି ଏହାକୁ ନେଇ ଫେରିଯିବା ଚିନ୍ତା ସେମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ଏଭଳି ନିଷ୍ପତ୍ତି ଅତ୍ୟନ୍ତ ହୃଦୟବିଦାରକ ବୋଲି ଚାର୍ଟ ଦୋକାନୀ ରତିକାନ୍ତ ପୁହାଣ କହିଛନ୍ତି । କରୋନା ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ଆସିବା ପୂର୍ବରୁ ନିର୍ଦ୍ଦେଶନାମା ଜାରି କରିଥିଲେ ଏଭଳି ଦୁର୍ଭାଗ୍ୟଜନକ ପରିସ୍ଥିତି ସାମ୍ନା କରିବାକୁ ପଡି ନ ଥାନ୍ତା ବୋଲି ଚଣା ବ୍ୟବସାୟୀ ମଣିରାମ ସାହୁ କହିଛନ୍ତି।

**ଚିନ୍ତାରେ ୫ଶହ ବ୍ୟବସାୟୀ**


ଜଣେ ବ୍ୟବସାୟୀ ଦୋକାନ ବନ୍ଦ କରି ଜିନିଷପତ୍ର ବାନ୍ଧବାନ୍ଧି କରୁଛନ୍ତି।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ବାଲେଶ୍ୱର ଅଫିସ,୧୫।୩

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଜୟଦେବକସବା ପଞ୍ଚାୟତରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ରବିବାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ 'ଆମ ଗାଁ, ଆମ ବିକାଶ' ଯୋଜନା (୨୦୧୮-୧୯) ରେ ୫ଲକ୍ଷ ଆୟ ଅଟକଳ ବିଶିଷ୍ଟ ମହିଳା ସଶକ୍ତିକରଣ କାର୍ଯ୍ୟାଳୟ ନିର୍ମାଣ, ୨୦୧୯-୨୦ ବର୍ଷର ୧୪ଏସ୍‌ଏଫ୍‌ସି ଯୋଜନାରେ ୬ଲକ୍ଷ ୫୦ହଜାର ଆୟ ଅଟକଳରେ ଜୟଦେବକସବା ଗ୍ରାମରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବାସଭବନ ନିର୍ମାଣ, ବିଧାୟକ ହାତ ପାଣ୍ଠିରୁ ୨.୫ ଲକ୍ଷ ଟଙ୍କାର ଅଭିରା ଛକ ଠାରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବିଡିଓ ନରେନ୍ଦ୍ର ଖମାରୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ପରିଖିତ ମହାଳିକ, ସହକାରୀ ଯନ୍ତ୍ରୀ ନିହାରିକା ମହାପାତ୍ର, ଜୟଦେବକସବା ସରପଞ୍ଚ ପ୍ରଶାନ୍ତ କୁମାର ନାୟକ ଓ ସମିତିସଭ୍ୟ ସନାତନ ମାଇତି, ବିଜେଡି ପଞ୍ଚାୟତ ସଭାପତି ଅମୂଲ୍ୟ ଚନ୍ଦ୍ର ଦାସ, ସମାଜସେବୀ ହେମନ୍ତ କୁମାର ପଣ୍ଡା, ଯୁବ ବାହିନୀ ସଭାପତି ମୁକ୍ତିକାନ୍ତ ଦାସ, ରମାକାନ୍ତ ଦାସ, ଅଭିଳାସ ଦାସ, ପଞ୍ଚାନନ ବିନ୍ଧାଣୀ, ସିନ୍ଧିଆ ସରପଞ୍ଚ ଶକ୍ତିପଦ ରାୟ, ହଳଧର ସେଠୀ, ମନୋରଞ୍ଜନ ପୃଷ୍ଟି, ନାଏବ ସରପଞ୍ଚ ସୁମତୀ ଜେନା, ଧରିତ୍ରୀ ମହାସଂଘର ସଭାପତି କଳ୍ପନା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ମାର୍ଚ୍ଚ ୧୬/୨୦୨୦ Balasore, Monday, March 16/2020

# ଭୋଗରାଇରେ କରୋନା ସନ୍ଦିଗ୍ଧ ଛାତ୍ର

**ଭୋଗରାଇ,୧୫।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଚନ୍ଦନେଶ୍ୱର ଅଞ୍ଚଳର ଜଣେ ଜର୍ମାନ ଫେରନ୍ତା ଛାତ୍ର ଜ୍ୱର, କାଶ ଓ ଶ୍ୱାସକ୍ରିୟାରେ ୫ଦିନ ଧରି କଷ୍ଟ ଅନୁଭବ କରିବାରୁ ତାଙ୍କର ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ସେ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ଭୋଗରାଇ ଅଞ୍ଚଳର ଏହି ଛାତ୍ର ଜଣକ ଜର୍ମାନରେ ରହି ପାଠ ପଢୁଥିଲେ। ସେଠାରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଗତ ୧୧ତାରିଖରେ ସେ କଲକତା ବିମାନବନ୍ଦରରେ ଓହ୍ଲାଇ ଡାକ୍ତରୀ ପରୀକ୍ଷା କରିବା ପରେ ଘରକୁ ଫେରିଥିଲେ। ଘରେ ୫ଦିନ ଧରି ଦେହ ଅସୁସ୍ଥ ହେବାରୁ ସେ ହେଲ୍‌ପଲାଇନ ନମ୍ବରରେ ରାଜ୍ୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷକୁ ଜଣାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦ୍ୟାବଧି ଏହି ଡାକ୍ତରୀ ପରୀକ୍ଷା ପାଇଁ ଆସି ନ ଥିବାରୁ ସେ ରବିବାର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ତେବେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଘଟଣାସ୍ଥଳକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରି ଫେରିଛନ୍ତି। ତାଙ୍କୁ ସୋମବାର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବ ବୋଲି ସୂଚନା ମିଳିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଯୋଡ଼ା, ୧୫।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ପଞ୍ଚାୟତର ଦାଲାଦିରି ଗ୍ରାମରେ ଭୋଜିଭାତ ପ୍ରସ୍ତୁତି ସମୟରେ ବିଦ୍ୟୁତ ଆଘାତ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଶୁକ୍ରବାର ଉକ୍ତ ଗ୍ରାମର ପାଣ୍ଡି ମୁଣ୍ଡାଙ୍କ ଘର ଛାତ ଢଳେଇ କାର୍ଯ୍ୟ ଚାଲୁଥିବାରୁ ଘରେ ଭୋଜିଭାତର ଆୟୋଜନ ହୋଇଥିଲା। ସନ୍ଧ୍ୟାରେ ଛାତ ଢଳେଇ କାର୍ଯ୍ୟ ସାରିବା ପରେ ଲୋକମାନଙ୍କୁ ଖାଇବା ଦେବା ପାଇଁ ପାଣ୍ଡିଙ୍କ ପୁଅ ବାବୁଲ୍ (୨୪) ତାଙ୍କର ପୁରୁଣା ଘରକୁ ଖଲି ଚଉପଦି ଆଣିବାକୁ ଯାଇଥିଲେ। ହେଲେ ସେଠାରେ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୦୨୦) ରୁଜୁ କରିଛି।




# ଶିକ୍ଷୟିତ୍ରୀଙ୍କ ଆତ୍ମହତ୍ୟା

**କେନ୍ଦୁଝର/ପଦ୍ମପୁର/ଢେଙ୍କିକୋଟ, ୧୫।୩ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଓସ୍ତପଙ୍ଗା ପ୍ରାଥମିକ ବିଦ୍ୟାଳୟର ବିନତୀ ସାହୁ (୩୦) ନାମ୍ନୀ ଜଣେ ଶିକ୍ଷୟିତ୍ରୀ ରହୁଥିବା ଭଡ଼ା ଘରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ଥାନା ସାବରଙ୍ଗ ଗ୍ରାମରେ। ସେ କିଛିବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦୁଇ ବର୍ଷର ଏକ ପୁତ୍ର ସନ୍ତାନ ଅଛି। ଗତ ଶନିବାର ସେ ତାଙ୍କ ପୁଅକୁ ଶୁଆଇବା ପରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡିନାହିଁ। ଏନେଇ ପଣ୍ଡାପଡ଼ା ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି ଯେ ଘରେ ମା' ଓ ଛୁଆ ରହୁଥିଲେ। ବ୍ୟବଚ୍ଛେଦ ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ। ପୋଲିସ ଏକ ମାମଲା (ନଂ.୪/୨୦) ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି।

# ଟ୍ରେନ୍ ଯାତ୍ରୀଙ୍କୁ ଆକ୍ରମଣ, ଲୁଟେରା ଗିରଫ

## ମାମଲା ରୁଜୁ ନେଇ ଜିଆର୍‌ପି-ପୋଲିସ ଛକାପଞ୍ଝା

**ଜଳେଶ୍ୱର,୧୫।୩(ସ୍ୱ.ପ୍ର.):** କଲିକତାରେ ଚାକିରି କରୁଥିବା ନାମ୍ପୋ ଗାଁର ସମ୍ବିତ କୁମାର ମହାପାତ୍ର ଗତ ଶନିବାର ରାତିରେ ଜଗନ୍ନାଥ ଏକ୍ସପ୍ରେସ୍‌ରୁ ଜଳେଶ୍ୱର ଷ୍ଟେଶନରେ ଓହ୍ଲାଇ ଚାଲି ଚାଲି ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ପଥରରେ ଶକ୍ତ ଆଘାତ କରି ତାଙ୍କ ପକେଟରୁ ଟଙ୍କା ନେଇ ଚମ୍ପଟ ମାରିଥିଲେ। ସମ୍ବିତ ରକ୍ତାକ୍ତ ଅବସ୍ଥାରେ ଚିତ୍କାର କରି ତାଙ୍କ ପଛରେ ଦୌଡ଼ିବାରୁ ଷ୍ଟେଶନରେ ଆର୍‌ପିଏଫ୍ ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ତାଙ୍କୁ ଅଟକ ରଖି ଆହତ ସମ୍ବିତଙ୍କୁ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଲୁଟେରାଙ୍କ ବିରୋଧରେ ଜଳେଶ୍ୱର ଜିଆର୍‌ପି ଓ ଥାନାରେ ମାମଲା ରୁଜୁ ନେଇ ଛକାପଞ୍ଝା ଦେଖାଦେଇଛି। ସମ୍ବିତ ଜଳେଶ୍ୱର ମ୍ୟୁନିସିପାଲିଟିର ପଥରପୁରା ମୌଜାରେ ଘର ଭଡ଼ା ନେଇ ରହୁଥିଲେ।

# ଚୋରା ଶାଳ ଗଣ୍ଡି ସହ ଭ୍ୟାନ ଜବତ

**ପାଟଣା,୧୫।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ କୁମୁଳା ବାହାଳୀ ଗ୍ରାମରୁ ରବିବାର ସନ୍ଧ୍ୟାରେ ଏକ ଚୋରା ଶାଳ ଗଣ୍ଡି ବୋଝେଇ ପିକ୍‌ଅପ୍‌କୁ ପାଟଣା ବନ ବିଭାଗ ଜବତ କରିଛି। ଏହାର ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନପାଳ ସନ୍ତୋଶ କୁମାର ପହି କହିଛନ୍ତି। କାଠ ଗଣ୍ଡି ଚାଲାଣ ହେଉଥିବା ଖବର ପାଇ ବନପାଳ ସନ୍ତୋଷ ପହି ଗାଡିଟିର ପିଛା କରି ଧରିବାକୁ ସଫଳ ହୋଇଥିଲେ ହେଁ ଚାଳକ ଓ କାଠ ମାଫିଆମାନେ ଫେରାର ହୋଇଯାଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ନାଁ 'ଫୌଜି', କାମ ସେବା କରିବା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୫।୩**

- ରାତି ଅଧରେ କେହି ଡାକିଲେ ସେ ପହଞ୍ଚି ସେବା ଓ ସହାୟତା ଯୋଗାଇ ଦିଅନ୍ତି
- ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ ବଞ୍ଚାଉଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ମିଳିଛି ସମ୍ମାନ

ଦେଶ ସୁରକ୍ଷା ଲାଗି ସେନା ବାହିନୀରେ ଯୋଗ ଦେବାକୁ ସେ ନେଇଥିଲେ ତାଲିମ । ତାଙ୍କ ଚିନ୍ତାଧାରା ଓ କର୍ମ ପରେ ତାଙ୍କ ଜୀବନର ଲକ୍ଷ୍ୟ ବଦଳାଇ ଦେଇଥିଲା । ପିଲା ଦିନୁ ଗରିବଙ୍କ ସେବା କରିବା ସକାଶେ ରୁଚି ରଖିଥିବା ଯୁବକ ରବୀନ୍ଦ୍ର ସିଂ ଶେଷରେ ଚାକିରି ମୋହ ଛାଡି ନିଜ ଲାଗି ଭିନ୍ନ ବାଟ ଖୋଜି ନେଇଥିଲେ ।

ସେବାମୂଳକ କାର୍ଯ୍ୟକୁ ଜୀବନର ବ୍ରତ କରି କେନ୍ଦୁଝର ଜିଲାରେ ଚର୍ଚ୍ଚାକୁ ଆସିଥିବା ରବୀନ୍ଦ୍ରଙ୍କ ଘର ହରିୟାଣା ରାଜ୍ୟରେ । ପରେ ସେ କେନ୍ଦୁଝର ଜିଲାକୁ ଆସି ଏହାକୁ କର୍ମଭୂମି ଭାବେ ବାଛି ନେଇଛନ୍ତି । ବର୍ତ୍ତମାନ ରହୁଛନ୍ତି ସଦର ବ୍ଲକ ଅଧୀନ ରାଇସୁଆଁରେ । ସେନା ବାହିନୀ ଲାଗି କିଛି ଦିନ ତାଲିମ ନେଇଥିବାରୁ ସମସ୍ତେ ତାଙ୍କୁ 'ଫୌଜି' ବୋଲି ଡାକନ୍ତି । ଏହି ନାମରେ ସେ ଅଧିକ ପରିଚିତ । ହୁଏତ ତାଙ୍କ ଶୁଭ ନାମ ଅନେକ ଜାଣନ୍ତି ନାହିଁ । ବର୍ତ୍ତମାନ ବୟସ ପାଖାପାଖି ୫୦ ହେବ । ଅବିବାହିତ ଥିବାରୁ ଏକୁଟିଆ ରହୁଛନ୍ତି । କେହି ତାଙ୍କୁ ଘର ଠିକଣା ପଚାରିଲେ ସେ ବିଭିନ୍ନ ଥାନା ଓ ଡାକ୍ତରଖାନା ତାଙ୍କ ଘର ବୋଲି କହିଥାନ୍ତି । କାରଣ ଦରକାର ପଡିଲେ, ଲୋକଙ୍କୁ ସେବା ଯୋଗାଇବା ସକାଶେ ସେ ଥାନା ଓ ଡାକ୍ତରଖାନାକୁ ଧାଇଁ ଯାଇଥାନ୍ତି । ରୋଗୀଙ୍କୁ ଡାକ୍ତରଖାନା ଆଣିବା ଲାଗି ସେ ଏକ ଆମ୍ବୁଲାନ୍ସ କିଣି ଲୋକଙ୍କ ସେବାରେ ଲଗାଇଛନ୍ତି । ଗରିବ ଓ ଅଭାବୀ ଲୋକଙ୍କୁ ମାଗଣାରେ ଆମ୍ବୁଲାନସ ସେବା ଯୋଗାଇଥାନ୍ତି । କେହି ବିପଦରେ ପଡି ରାତି ଅଧରେ ତାଙ୍କୁ ଡାକିଲେ ସେ ତୁରନ୍ତ ପହଞ୍ଚିଯାଇ ସେବା ଓ ସହାୟତା ଯୋଗାଇ ଦିଅନ୍ତି । କେଉଁଠି ସଡ଼କ ଦୁର୍ଘଟଣା ଘଟିଲେ ସେ ଆଗ ଖୋଜା ପଡନ୍ତି । ଆବଶ୍ୟକ ଥିଲେ ସେ ଆମ୍ବୁଲାନ୍ସ ଧରି ହାଜର ହୋଇଯାଆନ୍ତି । ତାଙ୍କର ମଧ୍ୟ ଏକ କ୍ରେନ ରହିଛି । ଏହା ସହାୟତାରେ ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡି ହଟାଇ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡାକ୍ତରଖାନା ନେଇଯାଆନ୍ତି । ସେବା ମନୋଭାବ ରଖି ଖୁସିରେ ସେ ସଞ୍ଚିତ ଅର୍ଥ ଖର୍ଚ୍ଚ କରି ଆସୁଛନ୍ତି । 'ଫୌଜି କ୍ରେନ ସର୍ଭିସ' ନାମକ ଏକ ସଂସ୍ଥା କରି ବ୍ୟବସାୟ କରୁଥିବାରୁ ସେଥିରୁ ଯାହା ମିଳେ ସେଥିରେ ସେ ଚଳନ୍ତି ଓ ସେବା କାର୍ଯ୍ୟ କରନ୍ତି ବୋଲି କହିଛନ୍ତି । ଏପରି କି ସଦର କେନ୍ଦୁଝର ସମେତ ଟାଉନ ଥାନା, ପଣ୍ଡାପଡା ଓ ଝୁମ୍ପୁରା ଆଦି ଥାନା ଅଞ୍ଚଳରେ ସଡ଼କ ଦୁର୍ଘଟଣା ଘଟିଲେ ସେ ଦେବଦୂତ ହୋଇ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥାନ୍ତି । ଏଭଳି କାର୍ଯ୍ୟ କରି ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ ବଞ୍ଚାଉଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି । ସେହିପରି ବିଭିନ୍ନ ସମୟରେ ରକ୍ତଦାନ କରିବା ସହ ମେଡିକାଲ ବା ଅନ୍ୟ ସ୍ଥାନରେ ଅସହାୟ ଲୋକଙ୍କ ଲାଗି ସହାୟତାର ହାତ ବଢାଇଥାନ୍ତି । ବଡବିଲ ଅଞ୍ଚଳର କେତେକ ଅସହାୟ ପିଲାଙ୍କୁ ସେ ନିଜ ପିଲା ଭଳି ପାଠ ପଢାଉଛନ୍ତି ।



ଫୌଜି ରବୀନ୍ଦ୍ର ସିଂ ।

ରବୀନ୍ଦ୍ର ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ତାଙ୍କ ସ୍ୱର୍ଗତ ବାପା ମଧ୍ୟ ସେନା ବାହିନୀରେ କାମ କରୁଥିଲେ । ତାଙ୍କର ଜଣେ ଭାଇ ଦିଲ୍ଲୀ ପୋଲିସ ବିଭାଗରେ କମାଣ୍ଡୋ ଅଛନ୍ତି । ସେ ପୁରୁଣା କଥା ମନେପକାଇ କୁହନ୍ତି, ସେନାରେ ଯୋଗଦେଇ ତାଲିମ ନେବା ପରେ ସେଠାରୁ କାମ ଛାଡି କିଛି ଦିନ ଏଣେତେଣେ ଘୂରି ବୁଲିଥିଲେ । ପରେ ମନ୍ଦିର ପୂଜକ ଭାବେ କିଛିଦିନ କାମ କରିଥିଲେ । ମନ୍ଦିରରେ ଭିକ୍ଷା ବୃତ୍ତି କରୁଥିବା ଲୋକଙ୍କୁ ଦେଖି ସେ ମନ ପରିବର୍ତ୍ତନ କରି ସେବାକାର୍ଯ୍ୟ କରିବାକୁ ଆଗଭର ହୋଇଥିଲେ । ପ୍ରଥମେ କେତେକ ସଂସ୍ଥାରେ ମେକାନିକ ଭାବେ କାମ କରିବା ପରେ କେନ୍ଦୁଝର ଜିଲାକୁ ଆସି ବିଭିନ୍ନ କମ୍ପାନୀ ପକ୍ଷରୁ ଲୁହାପଥର ପରିବହନ ପାଇଁ ପାଇପ୍ ବିଛାଇବା କାମରେ ନିୟୋଜିତ ହୋଇଥିଲେ । ଧୀରେ ଧୀରେ ସେ କେନ୍ଦୁଝର ଜିଲାର ମାଟିକୁ ଆପଣାର କରି ଭଲ ପାଇ ବସିଥିଲେ ।

## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଯୋଡ଼ା, ୧୫।୩(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ କମଲପୁରଠାରେ ବୈତରଣୀ ନଦୀରେ ବୁଡି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ରବିବାର ସକାଳ ସମୟରେ କମଲପୁର ଗ୍ରାମର ରାମୁ ମହାକୁଡ(୩୨) ଗ୍ରାମ ନିକଟସ୍ଥ ବୈତରଣୀ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ କୌଣସି କାରଣରୁ ନଦୀରେ ବୁଡି ଯାଇଥିଲେ । ପରେ ତାଙ୍କର ମୃତ ଦେହ ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବାମେବାରୀ ପୋଲିସକୁ ଖବର ଦେଇଥିଲେ । ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା (ନଂ. ୬/୨୦୨୦) ରୁଜୁ କରି ତଦନ୍ତ ଚଳାଇଛି ।

### ୪୨ ନଂ. ପାଣି ପଞ୍ଚାୟତ ନିର୍ବାଚନ

**ବଉଲା, ୧୫।୩(ଡି.ଏନ.ଏ.)-** ହାଟଡିହୀ ବ୍ଲକର ବିଦ୍ୟାଧରପୁର ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟରେ ୪୨ ନଂ. ୱାର୍ଡର ପାଣିପଞ୍ଚାୟତ ପାଇଁ ନିର୍ବାଚନ ହୋଇଯାଇଛି । ୪୨ ନଂ. ମା' ତାରିଣୀ ପାଣିପଞ୍ଚାୟତର ନିର୍ବାଚନ ହୋଇଥିବାବେଳେ ଏହି ନିର୍ବାଚନରେ ପ୍ରିଜାଇଡିଂ ଅଫିସର ଯନ୍ତ୍ରୀ କାର୍ଯ୍ୟ ତୁଲାଇଥିଲେ । ୪୨ନଂ. ୱାର୍ଡ ମା' ତାରିଣୀ ପାଣିପଞ୍ଚାୟତରେ ୧୫ଟି ପଦବୀ ପାଇଁ ୧୪ ଜଣ ସଭ୍ୟ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ନିର୍ବାଚିତ ହୋଇଥିଲେ ।

### ପିନ୍ଧା ଲୁଗାରେ ନିଆଁ ଲାଗି ମହିଳା ଗୁରୁତର

**ପାଟଣା, ୧୫।୩(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମରେ ଶନିବାର ରାତିରେ ଯଶୋଦା ନାଏକଙ୍କ ପିନ୍ଧା ଲୁଗା କାନିରେ ନିଆଁ ଲାଗିଯିବାରୁ ପୋଡି ହୋଇଯାଇଛନ୍ତି । ତାଙ୍କ ମୁହଁକୁ ଛାଡିଦେଲେ ଶରୀରର ୯୦ ପ୍ରତିଶତ ପୋଡି ଯାଇଥିବା ଚିକିତ୍ସା କରିଥିବା ଡାକ୍ତର ଡ଼. ଚିତ୍ତରଞ୍ଜନ ନାଏକ କହିଛନ୍ତି । ତାଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୁରୁତର ହେବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଯଶୋଦା ଶନିବାର ରାତିରେ ଘର ଲୋକଙ୍କ ପାଇଁ କାଠ ଚୁଲିରେ ଖାଇବାକୁ ରୋଷେଇ କରୁଥିବା ବେଳେ ଲୁଗା ପଣତକାନିରେ ନିଆଁ ଲାଗିଯାଇଥିଲା ।

### 'କରୋନା' ଲାଗି ଅଭିଯୋଗ ଶୁଣାଣି ବାତିଲ

**କେନ୍ଦୁଝର, ୧୫।୩(ଡି.ଏନ.ଏ.)-** କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲାରେ ପ୍ରତି ସୋମବାର ଦିନ ହେଉଥିବା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଚଳିତ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି । ତଦନୁଯାୟୀ ଚଳିତ ମାର୍ଚ୍ଚ ୧୬ ତାରିଖ ଦିନ ହରିଚନ୍ଦନପୁର, ମାର୍ଚ୍ଚ ୨୩ ତାରିଖ ଦିନ ଘସିପୁରା ଏବଂ ମାର୍ଚ୍ଚ ୩୦ ତାରିଖ ଦିନ ପାଟଣା ବ୍ଲକ କାର୍ଯ୍ୟାଳୟଠାରେ ହେବାକୁ ଥିବା ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ବାତିଲ ହୋଇଛି ବୋଲି ଜିଲାପାଳ ଆଶିଷ ଠାକ୍‌ରେ ସୂଚନା ଦେଇଛନ୍ତି । ଏହି ସମୟ ମଧ୍ୟରେ ଜନସାଧାରଣ ଅନ୍‌ଲାଇନ୍‌ରେ କିମ୍ବା ଡାକ ଯୋଗେ ଅଭିଯୋଗ ଦାଖଲ କରିପାରିବେ ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

### ଅଭିନନ୍ଦନ ପ୍ରଥମ



**ହାଟଡିହୀ, ୧୫।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅକରୁଆ ପଞ୍ଚାୟତ କାଠିଆସରା ଗ୍ରାମର ଦେବଦତ୍ତ ସାମଲ ଓ ମମତା ଜେନାଙ୍କ ପୁଅ ଅଭିନନ୍ଦନ ୨୦୨୦-୨୦୨୧ ବର୍ଷର ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଯୋଗିତା ପରୀକ୍ଷାରେ ଜିଲାରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଅଭିନନ୍ଦନ ଏବେ ଘଷିପୁରା ଗୋହିରା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ୫ମ ଶ୍ରେଣୀରେ ପଢୁଛନ୍ତି ।

# ପରିଣତ ବୟସରେ ମୁଣ୍ଡରେ ବୋଝ

**କେନ୍ଦୁଝର, ୧୫।୩ (ସ୍ୱ.ପ୍ର.)**

ଆଦିବାସୀମାନେ ସ୍ୱାଭିମାନ । ଏଣୁ ଅନ୍ୟ ଉପରେ ସେମାନେ ନିର୍ଭରଶୀଳ ନୁହନ୍ତି । ଏଭଳି ଜଣେ ମହିଳା ହେଉଛନ୍ତି ଦଶରୀ ଦେହୁରୀ । ବୟସ ପାଖାପାଖି ୮୦ ହେବ । ତାଙ୍କ ଘର ବାଂଶପାଳ ବ୍ଲକ ବଣପାହାଡ ଘେରା ପୋଦାକସଡା ଗ୍ରାମରେ । ତାଙ୍କର ଦୁଇପୁଅ ଓ ବୋହୂ ଅଛନ୍ତି । ତେବେ ପୁଅମାନଙ୍କ ଉପରେ ନିର୍ଭରଶୀଳ ନ ହୋଇ ୪ ବର୍ଷ ତଳେ ସ୍ୱାମୀ ମରିଯିବା ପରେ ଏକୁଟିଆ ରହୁଥିବା ସେ କୁହନ୍ତି । ଦୁଇ ପୁଅ ମୂଲମଜୁରି କରି ତାଙ୍କ ପରିବାର ଚଳାଉଛନ୍ତି । ରୋଷେଇ କରି ଦଶରୀଙ୍କୁ ଖାଇବାକୁ ଦେଇଥାନ୍ତି । ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବାବେଳେ ରାଶନ କାର୍ଡ ରହିଛି । ଏହା ଗୁଜୁରାଣ ମେଣ୍ଟାଉ ନଥିବାରୁ ସେ ଜଙ୍ଗଲରୁ ପତ୍ର ତୋଳି ଖଲି ତିଆରି କରି କେନ୍ଦୁଝର ସହରକୁ ଆସି ବିକିଥାନ୍ତି ।


ମୁଣ୍ଡରେ ବୋଝ ଧରି ଦଶରୀ ଖଲିପତ୍ର ବିକିବାକୁ ବଜାର ଆସିଛନ୍ତି ।

ଯେଉଁ ବୟସରେ ନାତି ନାତୁଣୀ ସହିତ ଘରେ ବସି ସମୟ କଟାଇବା କଥା, ସେହି ବୟସରେ ଦଶରୀ ପରିବାର ଉପରେ ବୋଝ ନ ହୋଇ ଦୀର୍ଘ ପ୍ରାୟ ୪୦ କି.ମି. ଦୂର କେନ୍ଦୁଝର ସହରକୁ ଆସି ରୋଜଗାର କରୁଥିବା ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି । ବୋହୂମାନେ ରୋଷେଇ କରି ଦେଲେ ଗଣ୍ଡାଏ ଗରମ ଭାତ ଖାଇଥାନ୍ତି ବୋଲି ଖୁସିରେ ଦଶରୀ କୁହନ୍ତି । ବଡ଼ ପୁଅ ବୁଧୁ ଦେହୁରୀ ଓ ସାନ ପୁଅ ଲଖୁ ଦେହୁରୀ ନିଜର ପିଲାଙ୍କ ସହିତ ଦଶରୀଙ୍କ ଦେଖାଶୁଣା କରିଥାନ୍ତି । ଖଲିପତ୍ର ଆଣି ବଜାରରେ ବିକୁଛୁ । କିନ୍ତୁ ଭଡ଼ା ଅଧିକ ପଡୁଛି । ଏଣୁ ଆଗଭଳି ଲାଭ ନାହିଁ । କିନ୍ତୁ ରୋଜଗାର ପାଇଁ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

# କେନ୍ଦୁଝର ଶଙ୍କର ସ୍ପୋର୍ଟିଂ ଚାମ୍ପିୟନ

**କେନ୍ଦୁଝର, ୧୫।୩(ଡି.ଏନ୍.ଏ.)**

**ଶୁଭାଶିଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**



ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

କେନ୍ଦୁଝର ଷ୍ଟାଡିୟମଠାରେ ଫେମସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପଞ୍ଚମ ରାଜ୍ୟସ୍ତରୀୟ ଶୁଭାଶିଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଏମ୍‌ଏସ୍‌ପିର ସଭାପତି ଦେବବ୍ରତ ସ୍ୱାଇଁ ଓ କ୍ରାଇମ୍ ଡିଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ କେନ୍ଦୁଝର ଶଙ୍କର ସ୍ପୋର୍ଟିଂ ଓ ୟୁନିକ୍ କ୍ରିକେଟ ଏକାଡେମୀ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ୟୁନିକ୍ କ୍ରିକେଟ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୩ ରନ୍ କରିଥିଲା । ଏହାର ଜବାବରେ କେନ୍ଦୁଝର ଶଙ୍କର ସ୍ପୋର୍ଟିଂ ୧୭ ଓଭରରେ ୭ ଉଇକେଟ ହରାଇ ୧୫୯ ରନ୍ କରି ବିଜୟୀ ହୋଇ ଚାମ୍ପିୟନ୍ ହୋଇଥିଲା । ଚାମ୍ପିୟନ୍ ଟିମ୍ କେନ୍ଦୁଝର ଶଙ୍କର ସ୍ପୋର୍ଟିଂକୁ ୩୦ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ୍ ଭଦ୍ରକ ୟୁନିଟ୍ କ୍ରିକେଟ ଏକାଡେମୀକୁ ୨୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଗଙ୍ଗା ସନା, ବେଷ୍ଟ ବୋଲର ଭାବେ ସତ୍ୟବ୍ରତ ସ୍ୱାଇଁ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ସନ୍ତୋଷ ରାଉତ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ ।

# ବଜାର ଅଞ୍ଚଳରେ ବଢୁଛି ଶିଶୁ ଶ୍ରମିକ ସଂଖ୍ୟା

**ଝୁମ୍ପୁରା, ୧୫।୩ (ଡି.ଏନ.ଏ.)**

ଝୁମ୍ପୁରା ବ୍ଲକର ଗ୍ରାମାଞ୍ଚଳ, ବଜାର ଅଞ୍ଚଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢିବାରେ ଲାଗିଛି । ଅସ୍ୱାସ୍ଥ୍ୟକର ପରିବେଶରେ ମାଲିକଙ୍କ ମାଡ, ଗାଳି ସହି ଗୋତି ଶ୍ରମିକ ଭଳି ଜୀବନ ବିତାଇବାକୁ ବାଧ ହେଉଛନ୍ତି ଶିଶୁ ଶ୍ରମିକ । ହୋଟେଲ, ଢାବା, ନିର୍ମାଣ କାମ, ଚାଷାଦି କାର୍ଯ୍ୟରେ କାମ କରୁଛନ୍ତି ଶିଶୁ ଶ୍ରମିକ । ନିଜ ସାମର୍ଥ୍ୟଠାରୁ ବହୁ ବେଶି ପରିମାଣରେ ଭାରି କାମ ଶିଶୁମାନଙ୍କ ଦ୍ୱାରା କରାଯାଉଛି । ଏନେଇ ଅଭିଯୋଗ କଲାପରେ ବି ଶ୍ରମ ବିଭାଗ କୌଣସି ପଦକ୍ଷେପ ନେଉନାହିଁ । ଝୁମ୍ପୁରା ବ୍ଲକର ଗ୍ରାମାଞ୍ଚଳ ଏବଂ ବଜାର ଅଞ୍ଚଳରେ କାମ କରୁଥିବା ଶିଶୁ ଶ୍ରମିକମାନଙ୍କୁ କେନ୍ଦୁଝର ଜିଲାର ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକ, ତେଲକୋଇ ବ୍ଲକରୁ ଆଣାଯାଇଥିବା ସ୍ପଷ୍ଟ ହୋଇଛି । ଏସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଅଜୟ ପ୍ରଧାନ କହିଲେ, ଅଭିଯୋଗ ହୋଇଛି । ଚାଇଲଡ ଲାଇନକୁ ସୂଚନା ଦିଆଯିବା ପରେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

### ୫୮ କ୍ଷେତ୍ର ପ୍ରଶିକ୍ଷକଙ୍କୁ ତାଲିମ

**କେନ୍ଦୁଝର, ୧୫।୩(ଡି.ଏନ.ଏ.)**

ଗୃହ ତାଲିକା ଓ ଜନଗଣନା - ୨୦୨୧ ନିମନ୍ତେ କେନ୍ଦୁଝର ଜିଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକଙ୍କ ତାଲିମ ଶିବିର ଦୁଇଗୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ମାର୍ଚ୍ଚ ୩ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ମାର୍ଚ୍ଚ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଓ ଅତିରିକ୍ତ ଜିଲାପାଳ ଡ଼ ଭକ୍ତଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଅତିରିକ୍ତ ଉପଜିଲାପାଳ(ବନ୍ଦୋବସ୍ତ) ସୁଷମା ବିଲୁଙ୍ଗ ଏବଂ ଜିଲା ଯୋଜନା ଓ ସମନ୍ୱୟର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ମୋଟ ୫୮ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ଆଗାମୀ ଜନଗଣନା-୨୦୨୧ ନିମନ୍ତେ ତାଲିମ ପ୍ରଦାନ କରିଥିଲେ ।

# ଘସିପୁରା ବାରୁଣୀ ମେଳାକୁ 'କରୋନା' ଭୟ

**ଘସିପୁରା, ୧୫।୩(ଡି.ଏନ.ଏ.)**

ପବିତ୍ର ବାରୁଣୀସ୍ନାନ ଉପଲକ୍ଷେ ଘସିପୁରାଠାରେ ହେବାକୁ ଥିବା ବାରୁଣୀ ମେଳା ବନ୍ଦ ହେବା ଆଶଙ୍କା ପ୍ରକାଶ ପାଇଛି । କେଉଁ ଆବାହନ କାଳରୁ ପ୍ରତିବର୍ଷ ବାରୁଣୀ ସ୍ନାନ ଉପଲକ୍ଷେ ଏଠାକାର ପୁଣ୍ୟତୋୟା ବୈତରଣୀ ନଦୀ ଘାଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସ୍ନାନ କରିବାକୁ ଆସିଥାନ୍ତି । କରୋନା ଭାଇରସ ସାରା ବିଶ୍ୱରେ ଏବେ ଆତଙ୍କ ଖେଳାଇଛି । ତେବେ 'କରୋନା' ରୋଗକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ପ୍ରକାର ସତର୍କତା ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଜନ ସମାଗମ ହେବାକୁଥିବା କାର୍ଯ୍ୟକ୍ରମ ଗୁଡ଼ିକୁ ବାତିଲ କରିବାକୁ ପରାମର୍ଶ ଦେଉଛନ୍ତି । ଏହିକ୍ରମରେ କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ନାନା ପଦକ୍ଷେପ ଗ୍ରହଣ କରାଯାଇଛି । ଏଭଳିସ୍ଥଳରେ ଚଳିତବର୍ଷ ଏହି ପ୍ରସିଦ୍ଧ ପାରମ୍ପାରିକ ମେଳା ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି । ଆସନ୍ତା ୨୧ତାରିଖରେ ଠାରୁ ମହାଯୋଗ ବାରୁଣୀ ସ୍ନାନ ଠାରୁ ଏହି ମେଳା ୭ଦିନ ବ୍ୟାପୀ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି । ଏପରିକି ଆନନ୍ଦପୁର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ମେଳା ପାଇଁ ଚୂଡ଼ାନ୍ତ ବୈଠକ ହେବା ସହ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ତେବେ ମେଳା ଆୟୋଜନ ହେବ କି ନାହିଁ ସେ ନେଇ ବିଧିବଦ୍ଧ ଭାବେ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି ।

# ଘରମୁହାଁ ହେଲେ ଦାଦନ

**ଚମ୍ପୁଆ, ୧୫।୩(ଡି.ଏନ.ଏ.)**

**କରୋନା ଭୟ**

କରୋନା ଭାଇରସର ପ୍ରଭାବ ଏବେ ସାରା ବିଶ୍ୱର ଚିନ୍ତା ବଢାଇଦେଇଛି । ଏହି ଭୟ ଏବେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ଛୋଟରୁ ବଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆରମ୍ଭ କରି ଉପଖଣ୍ଡ ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠାରେ ଥଣ୍ଡା ଓ ଜ୍ୱର ରୋଗୀଙ୍କ ଭିଡ଼ ଦେଖିବାକୁ ମିଳୁଛି । ଏହି ଭୟର ପ୍ରଭାବ ଏବେ ଦାଦନ ଖଟିବାକୁ ଯାଇଥିବା ଲୋକମାନଙ୍କୁ ଘର ମୁହାଁ କରିଛି । ସୂଚନା ଅନୁସାରେ ଚମ୍ପୁଆ ଓ ଆଖପାଖ ଅଞ୍ଚଳରେ ବେକାରି ସମସ୍ୟା ବୃଦ୍ଧି ହେଉଥିବାରୁ କର୍ମ ଅନ୍ୱେଷଣ ଓ ରୋଜଗାରର ପନ୍ଥା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରକୁ ବହୁ ସଂଖ୍ୟାରେ ଯୁବକ ଦାଦନ ଖଟିବାକୁ ଯାଇଥିବାବେଳେ କରୋନା ଭାଇରସର ଭୟ ଏବେ ସେମାନଙ୍କୁ ଘର ମୁହାଁ କରିଛି । ପ୍ରତ୍ୟହ ବସ ଓ ଟ୍ରେନ ଯୋଗେ ଦାଦନମାନେ ଘରକୁ ଫେରୁଥିବା ଦେଖିବାକୁ ମିଳିଛି । ତେବେ ସ୍ଥାନୀୟ ଅଞ୍ଚଳରେ ମାସ୍କ ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ବିଭିନ୍ନ କମ୍ପାନୀର ହାତଧୁଆ ସାନିଟାଇଜରର ଅଭାବ ଦେଖାଦେଇଛି ।

# ମାରଣାସ୍ତ୍ର ଜବତ, ୫ ଗିରଫ


ଗିରଫ ୫ ଅଭିଯୁକ୍ତ ।

**ଯୋଡ଼ା ୧୫।୩(ଡି.ଏନ.ଏ.)**

**ଡକାୟତି ଯୋଜନା ପଣ୍ଡ**

କେନ୍ଦୁଝର ଜିଲା ଯୋଡା ସହରର ବସ୍‌ଷ୍ଟାଣ୍ଡଠାରେ ରବିବାର ଭୋର ସମୟରେ ଏକ ବଡଧରଣର ଡକାୟତି ଯୋଜନାକୁ ପୋଲିସ ପଣ୍ଡ କରିଛି । ଗୋଟିଏ ବୋଲେରୋ ଗାଡି ଓ ମାରଣାସ୍ତ୍ର ସହ ୫ ଦୁର୍ବୃତ୍ତଙ୍କୁ ପୋଲିସ ଗିରଫ କରିଛି । ରବିବାର ଭୋର ସମୟରେ ଯୋଡା ବସ୍‌ଷ୍ଟାଣ୍ଡ ନିକଟରେ ଏକ ବୋଲେରୋ ଗାଡି (ନଂ ଓଆର ୦୨ ଏଆର ୯୨୯୫)ରେ ୫ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ସହ ଏକ ବଡ ଧରଣର ଡକାୟତି କରିବା ପାଇଁ ଯୋଜନା ଚଳାଇଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ଓ ଏସଆଇ ସୁନିଲ ସୋରେନ୍ ସଦଳବଳ ଚଢାଉ କରି ସେମାନଙ୍କୁ କାବୁ କରିନେଇଥିଲେ । ଗିରଫ ଅଭିଯୁକ୍ତ ମାନେ ହେଲେ ବଡବିଲ ସାଧୁସିଂ ହଟିଂର ନରସିଂ ଚରଣ ସିଧିବିଗ୍ରହ, ଦୀପୁ ମୁଣ୍ଡା, ଦାମୁ ହାଟିଂର ଅନିଲ ପାତ୍ର, ସାନୁ ପାତ୍ର ଓ ଯୋଡା ସହିଦ ନଗର ଉଲି ହଟିଂର ବଳରାମ ବେହେରା । ପୋଲିସ ଏନେଇ ଏକ ମାମଲା (ନଂ.୫୫/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ଆନନ୍ଦପୁରରେ ପ୍ରଥମ କରୋନା ସନ୍ଦିଗ୍ଧ

**ଘସିପୁରା/ଆନନ୍ଦପୁର, ୧୫।୩(ଡି.ଏନ.ଏ./ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରବିବାର ଜଣେ କରୋନା ସନ୍ଦିଗ୍ଧ ଯୁବକ ଚିକିତ୍ସିତ ହୋଇଛନ୍ତି । ଯୁବକ ଜଣଙ୍କ ଘର ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ଼ ଅଞ୍ଚଳରେ । ସେ ବନ ବିଭାଗର ଜଣେ କର୍ମଚାରୀ । ଗତମାସ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ସେ ବିମାନବନ୍ଦରରେ କାର୍ଯ୍ୟରତ ଥିଲେ । ପ୍ରାୟ ୧୫ଦିନ ଧରି ଥଣ୍ଡାଜ୍ୱରରେ ଆକ୍ରାନ୍ତ ହେବା ସହ ଔଷଧରେ ଭଲ ନ ହେବାରୁ କରୋନା ସନ୍ଦେହ କରି ସେ କେନ୍ଦୁଝର ଜିଲା ଚିକିତ୍ସାଳୟ ଓ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଛନ୍ତି । ସେ କରୋନାରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ତାଙ୍କୁ ଔଷଧ ଦିଆଯିବା ସହ ଭୟଭୀତ ନ ହୋଇ ଅନ୍ୟ ଲୋକଙ୍କ ସହ ମିଳାମିଶା ନ କରି ଘରେ ରହିବାକୁ ପରାମର୍ଶ ଦିଆଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି କୌଣସି ଅବନତି ଘଟିଲେ ତାଙ୍କ ରକ୍ତ ନମୁନା ପରୀକ୍ଷା କରାଯିବା ସହ ଅଧିକ ଚିକିତ୍ସା ସେବା ପାଇଁ ପଦକ୍ଷେପ ନିଆଯିବ ବୋଲି ଉପଖଣ୍ଡ ଡାକ୍ତରଖାନାର ଡାକ୍ତର କୃଷ୍ଣ ଚନ୍ଦ୍ର ଦାଶ କହିଛନ୍ତି ।

# ସମସ୍ୟା ଘେରରେ ବୀରଗୋବିନ୍ଦପୁର ପଞ୍ଚାୟତ

**ଘସିପୁରା, ୧୫।୩ (ଡି.ଏନ.ଏ.)**

ଘସିପୁରା ବ୍ଲକର ନବ ଗଠିତ ବୀରଗୋବିନ୍ଦପୁର ପଞ୍ଚାୟତ ଏବେ ନାନା ସମସ୍ୟାରେ ଛନ୍ଦି ହୋଇପଡ଼ିଛି । ସରକାର ଆଦିବାସୀ ମାନଙ୍କ ବିକାଶକୁ ପ୍ରାଧାନ୍ୟ ଦେଉଥିବା ବେଳେ ପ୍ରଶାସନିକ ଅଣଦେଖା ଯୋଗୁଁ ଆଦିବାସୀ ବହୁଳ ଏହି ପଞ୍ଚାୟତ ଅବହେଳିତ ହୋଇ ରହିଛି । କେତେବେଳେ ଏଠାକାର ଲୋକଙ୍କୁ ସରକାର ଯୋଗାଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରେ ଅସୁବିଧା ଭୋଗୁଛନ୍ତି ତ ଆଉ କେତେବେଳେ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ବିଭିନ୍ନ ରାଶନ ସାମଗ୍ରୀ ଠିକ ସମୟରେ ପାଇପାରୁ ନାହାନ୍ତି ବୋଲି ଅଭିଯୋଗ ହେଉଛି । ବୀରଗୋବିନ୍ଦପୁର ପଞ୍ଚାୟତରେ ପ୍ରାୟ ୯୦ ପ୍ରତିଶତ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି । ମାତ୍ର ଆଦିବାସୀ ବହୁଳ ଏହି ପଞ୍ଚାୟତକୁ ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ବିଭିନ୍ନ କ୍ଷେତ୍ରରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ମହାନ୍ତଙ୍କୁ ପଚାରିବାରୁ ସେ ଏହି ପଞ୍ଚାୟତରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସମସ୍ତ ସମସ୍ୟାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ମଣ୍ଡିରୁ ଉଠୁନି ଧାନ, ଚାଷୀ ହଇରାଣ

**ତେଲକୋଇ, ୧୫।୩(ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ଏଯାଏ ଧାନ କିଣା ସମସ୍ୟା ଲାଗିରହିଛି । ଚାଷୀଙ୍କୁ ଟୋକନ ଦେବାରେ ଅବ୍ୟବସ୍ଥା ଓ ପ୍ରଶାସନିକ ଅବହେଳା ଲାଗି ତେଲକୋଇ ସମବାୟ ସମିତି ପରିସରରେ ଶତାଧିକ କୁଇଣ୍ଟାଲ ଧାନ ପଡ଼ିରହିଛି । ମଣ୍ଡିକୁ ଧାନ ଆଣିଥିବା ଚାଷୀ ହଇରାଣ ହୋଇ ଧାରଣା ଆନ୍ଦୋଳନ କରିଥିଲେ ବି କୌଣସି ପ୍ରତିକାର ହୋଇନାହିଁ । ସମ୍ପ୍ରତି ଅଦିନିଆ ବର୍ଷା ହେବା ଯୋଗୁ ଚାଷୀମାନେ ମଣ୍ଡିକୁ ଆଣିଥିବା ଧାନ ବସ୍ତାକୁ ପାଲ ଘୋଡ଼ାଇ ଜଗି ବସୁଥିବା ଦେଖିବାକୁ ମିଳୁଛି । ଏଭଳି ସମସ୍ୟା ଓ ଅବ୍ୟବସ୍ଥା ନେଇ ସମ୍ପୃକ୍ତ ଚାଷୀ ଗତ ମାସ ୨୭ ତାରିଖରେ ଦୁଇଦିନିଆ ଧାରଣାରେ ବସିଥିଲେ ।


ମଣ୍ଡିରେ ଧାନ ବସ୍ତା ପଡ଼ିରହିଛି ।

ଯୋଗାଣ ଅଧିକାରୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ସମସ୍ତ ଧାନ କ୍ରୟ କରାଯିବ ବୋଲି କହିଥିଲେ । ଏଥିପାଇଁ ଟୋକନ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା । ଏଯାଏ ଟୋକନ ମିଳି ନ ଥିବାରୁ ଚାଷୀମାନେ ଧାନ ବିକିପାରି ନ ଥିବା କହିଛନ୍ତି ।

ତେଲକୋଇ ସମବାୟ ସମିତି ଅଧୀନରେ ସମୁଦାୟ ୧୧୪୫ ଜଣ ଚାଷୀ ରହିଛନ୍ତି । ଏମାନଙ୍କ ମଧ୍ୟରୁ ୪୫୦ ଚାଷୀ ପ୍ରଥମ ପର୍ଯ୍ୟାୟରେ ଟୋକନ ପାଇ ଧାନ ବିକ୍ରୟ କରିଥିଲେ । ପରେ ଅନ୍ୟମାନଙ୍କ ଟୋକନ ନ ଆସିବାରୁ ଚାଷୀ ବାଧହୋଇ ଧାରଣା ଦେଇଥିଲେ । ଏହାପରେ ଯୋଗାଣ ବିଭାଗ କର୍ତ୍ତୃପକ୍ଷ ୬ଶହ ଚାଷୀଙ୍କ ପାଇଁ ଟୋକନ ବ୍ୟବସ୍ଥା କରିଥିବା କୁହାଯାଇଥିଲା । ଟୋକନ ଅବଧି ୭ ଦିନ ହୋଇଥିବାରୁ ଧାନ ବିକ୍ରୟ କରିପାରି ନ ଥିବା ଚାଷୀ ଟୋକନ ରଦ୍ଦ ହେବା ଆଶଙ୍କା ବ୍ୟକ୍ତ କରିଛନ୍ତି । ସେମାନେ ଏଥିଲାଗି ଦୀର୍ଘ ଦୁଇମାସ ହେବ ଧାନ ବସ୍ତାକୁ ସମବାୟ କାର୍ଯ୍ୟାଳୟରେ ପକାଇରଖିଥିବା କହିଛନ୍ତି । ଏସମ୍ବନ୍ଧରେ ଏସିଓଏସ ପରେଶ ମହାନ୍ତିଙ୍କୁ ପଚାରିବାରୁ କହିଲେ ଯେ, ଟୋକନ ପଠା ସରିଛି । ଖୁବ୍ ଶୀଘ୍ର ଧାନ କିଣାଯିବା ପାଇଁ ପଦକ୍ଷେପ ନିଆଯିବ ।